Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Vol - 21 ✦ Issue No:345 ✦ 14 April 2026 (Tuesday) ✦ Rourkela ✦ Rs.2.00 ✦ Page -1 ✦ ୨୧ ବର୍ଷ ✦ ସଂଖ୍ୟା:୩୪୫ ✦ ୧୪ ଏପ୍ରିଲ ୨୦୨୬ (ମଙ୍ଗଳବାର) ✦ ରାଉରକେଲା ✦ ମୂଲ୍ୟ:ଟ.୨.୦୦ ✦ ପୃଷ୍ଠା-୬

ବିଶ୍ୱ ଯୁଦ୍ଧ ଆଶଙ୍କା ! ଆମେରିକାକୁ ଇରାନର ଖୋଲା ଚ୍ୟାଲେଞ୍ଜ:

'ସାମାନ୍ୟ ଭୁଲ୍ ହେବ ପ୍ରାଣଘାତୀ'

ନୂଆଦିଲ୍ଲୀ,୧୩।୪: ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନା ବିଫଳ ହେବା ପରେ ପଶ୍ଚିମ ଏସିଆରେ ପୁଣି ଥରେ ଯୁଦ୍ଧର ବାଦଲ ଘେରିବାକୁ ଆରମ୍ଭ କରିଛି । ବିଶେଷ କରି ସାମରିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ହୋର୍ମୁଜ ପ୍ରଣାଳୀକୁ ନେଇ ଇରାନ ଏବେ 'ଆର-ପାର' ମୁଡ୍ରେ ଥିବା ଜଣାପଡ଼ିଛି । ଇରାନର ଶକ୍ତିଶାଳୀ ସେନା 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ' (ଓଜଏଉ) ପକ୍ଷରୁ ଆମେରିକାକୁ ଏକ କଡ଼ା ଚେତାବନୀ ଦିଆଯାଇ କୁହାଯାଇଛି ଯେ, ଏହି ଅଚଂଳରେ ଶତ୍ରୁପକ୍ଷର କୌଣସି ବି ଭୁଲ୍ ପଦକ୍ଷେପ ମରଣାନ୍ତକ ସାବ୍ୟସ୍ତ ହେବ । ଇରାନ ନୌସେନା ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ଡ୍ରୋନ୍ ଫୁଟେଜ୍ ଜାରି କରି ନିଜର ଶକ୍ତି ପ୍ରଦର୍ଶନ କରିଛି । ଓଜଏଉ ଦାବି କରିଛି ଯେ, ହୋର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ପ୍ରତ୍ୟେକ ଜାହାଜ ଏବଂ ପ୍ରତିଟି ଗତିବିଧି ଇରାନ ସଶସ୍ତ୍ର ବାହିନୀର ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି । ଆମେରିକାର ଦୁଇଟି ଯୁଦ୍ଧ ଜାହାଜ ଟଝଝ ଗସମଷବରକ୍ଷ ଗଙ୍କକ୍ସକ୍ତ୍ରଷଛ ଏବଂ ଟଝଝ ରକ୍ସବଭଲ ର. ଚରସ୍ପରକ୍ସସ୍ପରଭକୁ ପଛଘୁଚାଂ ଦେବାକୁ ଇରାନ ବାଧ କରିଛି । କୌଣସି ବି ବିଦେଶୀ ଯୁଦ୍ଧ ଜାହାଜ ଯଦି ଏହି ସୀମା ମଧ୍ୟକୁ ପ୍ରବେଶ କରେ, ତେବେ ତାହାକୁ 'ସିଜ୍ଫାୟାର' ବା ଅସ୍ତ୍ରବିରତିର ଉଲ୍ଲଂଘନ ବୋଲି ଧରାଯିବ ।ସୂଚନାଯୋଗ୍ୟ ଯେ, ଗତ ଦୁଇ ଦିନ ତଳେ ଆମେରିକାର ସେଣ୍ଟ୍ରାଂଲ କମାଣ୍ଡ ଦାବି କରିଥିଲା କି ସେମାନଙ୍କର ଯୁଦ୍ଧ ଜାହାଜ ହୋର୍ମୁଜ ପ୍ରଣାଳୀ ଦେଇ ଗତି କରିବା ସହ ସମୁଦ୍ରରୁ ବାରୁଦୀ ସୁଡ଼ଙ୍ଗ ହଟାଇବା ଅଭିଯାନ ଆରମ୍ଭ କରିଛି । ମାତ୍ର ଇରାନ ଏହି ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିବା ସହ ଏହାକୁ କେବଳ ଏକ 'ପ୍ରୋପାଗାଣ୍ଡା' ବୋଲି କହିଛି । ଇସଲାମାବାଦରେ ଆୟୋଜିତ 'ପିସ୍ ଟକ୍' ବା ଶାନ୍ତି ଆଲୋଚନା ବିଫଳ ହେବା ପରେ ଏହି ଉତେଜନା ଆହୁରି ବଢ଼ିଯାଇଛି । ଯଦିଓ ଉଭୟ ଦେଶ ମଧ୍ୟରେ ଦୁଇ ସପ୍ତାହ ପାଇଁ ଅସ୍ତ୍ରବିରତି ଘୋଷଣା କରାଯାଇଥିଲା, କିନ୍ତୁ ଏହାର ସର୍ତ୍ତାବଳୀକୁ ନେଇ କୌଣସି ସହମତି ହୋଇପାରିନାହିଁ । ହୋର୍ମୁଜ ପ୍ରଣାଳୀ ହେଉଛି ବିଶ୍ୱର ସବୁଠାରୁ ବଡ଼ ତୈଳ ପରିବହନ ମାର୍ଗ । ଯଦି ଏଠାରେ ଯୁଦ୍ଧ ସ୍ଥିତି ଉପୁଜେ, ତେବେ ସାରା ବିଶ୍ୱରେ ପେଟ୍ରୋଲ-ଡିଜେଲ ଦର ଆକାଶଛୁଆଁ ହେବା ସହ ବିଶ୍ୱ ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହେବ ।

ଦରମା ବଢ଼ିବା ଦାବି :ନୋଏଡାରେ ଶ୍ରମିକଙ୍କ ରାସ୍ତାରୋକ

ଦିଲ୍ଲୀ-ଗାଜିଆବାଦ ରାସ୍ତା ଅବରୋଧ

ନୂଆଦିଲ୍ଲୀ,୧୩/୪: ଶ୍ରମିକମାନଙ୍କ ହିଂସାତ୍ମକ ପ୍ରତିବାଦ ଯୋଗୁଁ ଗାଜିଆବାଦ-ନୋଏଡା ସୀମାରେ ପରିସ୍ଥିତି ଅଣାୟତ ହୋଇଛି। ନୋଏଡାରେ ମଜୁରୀ ବୃଦ୍ଧି ଦାବି କରି ଚାଲିଥିବା ଶ୍ରମିକଙ୍କ ପ୍ରତିବାଦ ଏବେ ଟ୍ରାଫିକ୍ ଜାମ୍ ଏବଂ ବିଶୃଙ୍ଖଳା ସୃଷ୍ଟି କରିଛି । ସୋମବାର ଦିନ, ପ୍ରଦର୍ଶନକାରୀମାନେ ଗାଜିଆବାଦ-ନୋଏଡା ସୀମାରେ ରାସ୍ତା ଅବରୋଧ କରିଛନ୍ତି । ଯାହା ଫଳରେ ସମଗ୍ର ଅଚଂଳରେ ଯାତାୟାତ ସମ୍ପୂର୍ଣ୍ଣ ଭାବରେ ବାଧାପ୍ରାପ୍ତ ହୋଇଛି। ପରିସ୍ଥିତି ଏଭଳି ହୋଇଛି ଯେ, ଯାନବାହାନର ଲମ୍ବା ଧାଡ଼ି ଅନେକ କିଲୋମିଟର ପର୍ଯ୍ୟନ୍ତ ଲାଗି ରହିଛି। ଯାହା ଫଳରେ ଲୋକମାନେ ଘଟାଂ ଘଟାଂ ଧରି ଫସି ରହିଛନ୍ତି । ଶ୍ରମିକମାନେ ଅଭିଯୋଗ କରିଛନ୍ତି ଯେ ଉତର ପ୍ରଦେଶରେ ସର୍ବନିମ୍ନ ମଜୁରୀ ୧୩,୦୦୦ ଟଙ୍କା ରହିଛି। ଯେତେବେଳେ ହରିୟାଣାରେ ଏହା ୧୯,୦୦୦ ଟଙ୍କା ଅଛି। ଏହି ଭେଦଭାବ ଉପରେ ସେମାନଙ୍କର କ୍ରୋଧ ବୃଦ୍ଧି ପାଇଛି। ରବିବାର ଘଟିଥିବା ବିବାଦରେ ଜଣେ ମହିଳା ଶ୍ରମିକ ଆହତ ହେବା ପରେ ପରିସ୍ଥିତି ଆହୁରି ଖରାପ ହୋଇ ଯାଇଛି। ପରବର୍ତ୍ତୀ ସମୟରେ, ସୋମବାର ବହୁ ସଂଖ୍ୟକ ଶ୍ରମିକ ରାସ୍ତାକୁ ଓହ୍ଲାଇ ଟ୍ରାଫିକ୍ ଜାମ୍ ସୃଷ୍ଟି କରିଛନ୍ତି । ନୋଏଡାରେ ପ୍ରବେଶ କରୁଥିବା ସମସ୍ତ ରାସ୍ତାରେ ଶ୍ରମିକମାନେ ପ୍ରତିବାଦ କରିବାକୁ ଆରମ୍ଭ କରିଛନ୍ତି। ମୟୂର ବିହାରରୁ ନୋଏଡା ଯାଉଥିବା ରାସ୍ତା , ଦିଲ୍ଲୀର ଆଶ୍ରମରୁ ନୋଏଡାର ସେକ୍ଟର ୧୬ ଏବଂ ଫିଲ୍ମ ସିଟି ଯାଉଥିବା ଡିଏନଡି ରାସ୍ତା , କିମ୍ବା ସେକ୍ଟର ୬୨ମେଟ୍ରୋ ଷ୍ଟେସନ ତଳେ ମେରଠ ଏକ୍ସପ୍ରେସୱେକୁ ସଂଯୋଗ କରୁଥିବା ପ୍ରଭୃତି ରାସ୍ତାରେ ଶ୍ରମିକଙ୍କ ପ୍ରତିବାଦ ଜୋରଦାର ହୋଇଛି । ସାମଗ୍ରିକ ଭାବରେ, ଆନ୍ଦୋଳନକାରୀମାନେ ଦିଲ୍ଲୀରୁ ନୋଏଡା ଏବଂ ଦିଲ୍ଲୀରୁ ନୋଏଡା ଯିବା ପାଇଁ ପ୍ରମୁଖ ରାସ୍ତାଗୁଡ଼ିକୁ ସମ୍ପୂର୍ଣ୍ଣ ଅବରୋଧ କରିଛନ୍ତି। ବହୁ ସଂଖ୍ୟକ ଶ୍ରମିକ ସେକ୍ଟର ୧୫ ଫ୍ଲାଏଓଭର ତଳେ ରାସ୍ତାରେ ବସି ରହିବା ଫଳରେ ଯାତାୟାତ ଠପ୍ ହୋଇଯାଇଥିଲା । ଏହି ସମୟରେ, ବିଭିନ୍ନ କମ୍ପାନିର କର୍ମଚାରୀମାନେ ସେକ୍ଟର ୬୨ ସ୍ଥିତ ଫୋର୍ଟିସ୍ ହସ୍ପିଟାଲ ନିକଟରେ ମଧ୍ୟ ଧାରଣା ଦେଇଥିଲେ, ଯାହା ପରିସ୍ଥିତିକୁ ଆହୁରି ଜଟିଳ କରିଛନ୍ତି ।

ନେପାଳ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହଙ୍କୁ ଭାରତ ଭ୍ରମଣ ପାଇଁ ନିମନ୍ତ୍ରଣ

କାଠମାଣ୍ଡୁ,୧୩/୪: ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ରଶାହଙ୍କୁ ଭାରତ ଭ୍ରମଣ ପାଇଁ ନିମନ୍ତ୍ରଣ ମିଳିଛି। ବିଦେଶମନ୍ତ୍ରୀ ଶିଶିର ଖନାଲଙ୍କ କହିବା ଅନୁସାରେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣକୁ ଶାହ ଗ୍ରହଣ କରିଛନ୍ତି। ଭାରତ ମହାସାଗର ସମ୍ମିଳନୀରେ ଯୋଗଦେବା ପାଇଁ ବର୍ତ୍ତମାନ ମରିସସରେ ଥିବା ବିଦେଶମନ୍ତ୍ରୀ ଖନାଲ ଓ ଭାରତର ବିଦେଶମନ୍ତ୍ରୀ ଡ଼ଃ ଏସ୍ ଜୟଶଙ୍କରଙ୍କ ମଧ୍ୟରେ ହୋଇଥିବା ସାଇଡ୍‌ଲାଇନ୍ ବୈଠକରେ ମଧ ଶାହଙ୍କ ଆସନ୍ତା ଭାରତ ଭ୍ରମଣ ବିଷୟରେ ଆଲୋଚନା ହୋଇଛି । ମରିସସରୁ ନେପାଳର ବିଦେଶମନ୍ତ୍ରୀ ଖନାଲ ଫୋନରେ କହିଛନ୍ତି ଯେ, ଭାରତର ପ୍ରଧାନମନ୍ତ୍ରୀ ମୋଦି ଶାହଙ୍କୁ ପଠାଇଥିବା ଶୁଭେଚ୍ଛା ବାର୍ତାରେ ଭାରତ ଭ୍ରମଣ ପାଇଁ ନିମନ୍ତ୍ରଣ ଦେଇଥିଲେ ।

ସରିଫ୍ ଓ ମୁନିରଙ୍କୁ ଟ୍ରମ୍ପଙ୍କ ପ୍ରଶଂସା

ୱାସିଂଟନ,୧୩/୪: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଓ ସେନାମୁଖ୍ୟ ଅସିମ୍ ମୁନିରଙ୍କୁ ପ୍ରଶଂସା କରିଛନ୍ତି। ଇସଲାମାବାଦରେ ଆମେରିକା-ଇରାନ ଶାନ୍ତି ଆଲୋଚନା ପରିପ୍ରେକ୍ଷୀରେ ଟ୍ରମ୍ପ ଏହି ପ୍ରଶଂସା କରିଥିବାବେଳେ ଗତବର୍ଷ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ବନ୍ଦ କରିଥିଲେ ବୋଲି ମଧ୍ୟ କହିଛନ୍ତି। ତେବେ ଟ୍ରମ୍ପଙ୍କ ଦାବିକୁ ଭାରତ ବାରମ୍ବାର ଖଣ୍ଡନ କରିଆସୁଛି। ଟ୍ରମ୍ପ ଟ୍ରୁଥ ସୋସିଆଲରେ ପୋଷ୍ଟ କରି ଶାନ୍ତି ବୈଠକ ସରିଫ୍ ଓ ମୁନିରଙ୍କ ପରି ଖୁବ୍ ଦକ୍ଷ ନେତୃତ୍ୱରେ ହୋଇଥିବା କହିଛନ୍ତି। ଟ୍ରମ୍ପ ତାଙ୍କ ପୋଷ୍ଟରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଓ ସେନାମୁଖ୍ୟଙ୍କୁ ଅସାଧାରଣ ବ୍ୟକ୍ତି ବୋଲି ଦର୍ଶାଇ ଲେଖିଛନ୍ତି, ଇସଲାମାବାଦରେ ଅନୁଷ୍ଠିତ ବୈଠକ ବିଷୟରେ ଉପରାଷ୍ଟ୍ରପତି ଜେଡି ଭାନ୍ସ, ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟ୍‌କଫ୍ ଏବଂ ଜାରେଡ୍ କୁଶନର ମୋତେ ସମ୍ପୂର୍ଣ୍ଣ ବିବରଣୀ ଦେଇଛନ୍ତି। ପାକିସ୍ତାନର ଫିଲ୍ଡ ମାର୍ଶାଲ ଅସୀମ ମୁନିର ଏବଂ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ଅତ୍ୟନ୍ତ ଦକ୍ଷ ନେତୃତ୍ୱରେ ବୈଠକ ହୋଇଥିବା କହିଛନ୍ତି। ସେ ଭାରତ ପାକିସ୍ତାନ ଯୁଦ୍ଧ ବନ୍ଦ କରି ୩୦ରୁ ୫୦ ନିୟୁତ ଲୋକଙ୍କ ଜୀବନ ବଚାଂଇ ଦେଇଥିଲେ ବୋଲି ସରିଫ୍ ଓ ମୁନିର ତାଙ୍କୁ ବାରମ୍ବାର ଧନ୍ୟବାଦ ଦେଉଥିବା ଟ୍ରମ୍ପ କହିଛନ୍ତି। ୨୦୨୫ ଏପ୍ରିଲ ମାସରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ମେ ମାସ ୭ ତାରିଖରେ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ମେ ୧୦ ତାରିଖରେ ଭାରତ -ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ଘୋଷଣା ହୋଇଥିଲା। ଟ୍ରମ୍ପ ସର୍ବଦା ଯୁଦ୍ଧବିରତି ନେଇ ତାଙ୍କ ଭୂମିକା ଥିବା ଦାବି କରିଆସୁଛନ୍ତି।

ତୀର୍ଥଯାତ୍ରୀଙ୍କ ଉପରେ ମାଡ଼ିଗଲା ବେକାବୁ ଟ୍ରକ୍, ୭ ମୃତ

ନୂଆଦିଲ୍ଲୀ, ୧୩/୪: ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରେ ମର୍ମନ୍ତୁଦ ଦୁର୍ଘଟଣା। ତୀର୍ଥଯାତ୍ରୀଙ୍କୁ ଦଳିଦେଲା ବେକାବୁ ଟ୍ରକ୍। ୭ ମୃତ। ରବିବାର ବିଳମ୍ବିତ ରାତି ପ୍ରାୟ ସାଢେ ୧ଟା ବେଳେ ଏହି ଦୁର୍ଘଟଣା ଘଟିଛି। ଟ୍ରକ୍ ଡ୍ରାଇଭର୍ ଗାଡି ଛାଡ଼ି ଫେରାର୍ ହୋଇଯାଇଛି। ଘଟଣାସ୍ଥଳରେ ପୁଲିସ ପହଚିଂ ମୃତାହତଙ୍କ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ମଧ୍ୟରେ ୪ ଜଣ ମହିଳା ଅଛନ୍ତି। ସୂଚନାନୁଯାୟୀ, ତୀର୍ଥଯାତ୍ରୀଙ୍କ ଏକ ଗ୍ରୁପ୍ ରାଜକୋଟରୁ ବହୁଚରାଜି ଆଡ଼କୁ ପଦଯାତ୍ରାରେ ଯାଉଥିଲେ। ରବିବାର ରାତି ପ୍ରାୟ ସାଢେ ୧ଟା ବେଳେ ଲକତର-ବିରାମଗାମ ଜାତୀୟ ରାଜପଥରେ ସେମାନଙ୍କୁ ଉପରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଡାକ୍ତରଖାନାରେ ଆଉ ଜଣେ ଆଖି ବୁଜି ଥିଲେ। ମୃତକଙ୍କ ମଧ୍ୟରେ ୪ ଜଣ ମହିଳା ଏବଂ ଜଣେ ଡମ୍ପର ଚାଳକ ଅଛନ୍ତି। ଆହାତଙ୍କ ସଂଖ୍ୟା ଖବର ଲେଖା ସୁଦ୍ଧା ସ୍ପଷ୍ଟ ହୋଇ ନାହିଁ। ପୁଲିସ ଘଟଣାସ୍ଥଳରେ ପହଚିଂ ଉଦ୍ଧାର କାର୍ଯ୍ୟ କରିବା ସହ ତଦନ୍ତ ଆରମ୍ଭ କରିଛି। ଟ୍ରକ୍ ଡ୍ରାଇଭର୍ ଦୁର୍ଘଟଣା ଘଟାଇ ଫେରାର୍ ହୋଇଯାଇଛି।

ଗଣତନ୍ତ୍ରକୁ ସୁଦୃଢ଼ କରିଛି ନାରୀଙ୍କ ଭାଗିଦାରୀ

ନୂଆଦିଲ୍ଲୀ,୧୩/୪: ନୂଆଦିଲ୍ଲୀର ବିଜ୍ଞାନ ଭବନରେ ନାରୀ ଶକ୍ତି ବନ୍ଦନ ସମ୍ମେଳନ ଆୟୋଜିତ ହୋଇଛି। ଏହି ଅବସରରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଦେଶର ବିକାଶ ଯାତ୍ରାରେ ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଟଂ ମଧ୍ୟରେ, ଭାରତ ୨୧ ଶତାବ୍ଦୀର ସବୁଠାରୁ ବଡ଼ ନିଷ୍ପତ୍ତି ମଧ୍ୟରୁ ଗୋଟିଏ ନେବାକୁ ଯାଉଛି। ସେ କହିଥିଲେ, "ମୁଁ ବଡ଼ ଦାୟିତ୍ୱର ସହିତ କହୁଛି ଯେ ଏହା ୨୧ ଶତାବ୍ଦୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ମଧ୍ୟରୁ ଗୋଟିଏ। ଏହି ନିଷ୍ପତି ମହିଳା ଶକ୍ତି ପାଇଁ ଉତ୍ସର୍ଗୀକୃତ। ଏହି ସମ୍ମେଳନକୁ ଦେଶରେ ମହିଳା ନେତୃତ୍ୱକୁ ପ୍ରୋତ୍ସାହିତ କରିବା ଏବଂ ମୁଖ୍ୟଧାରାର ବିକାଶରେ ମହିଳା ଅଂଶଗ୍ରହଣକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ବିବେଚନା କରାଯାଉଛି। ଏହି ସମ୍ମେଳନରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ କିଛି ସଫଳ ମହିଳା ଉପସ୍ଥିତ ଅଛନ୍ତି। ଶିକ୍ଷା, ବିଜ୍ଞାନ, କ୍ରୀଡା, ସଂସ୍କୃତି ଓ ସାମାଜିକ କାର୍ଯ୍ୟ ପ୍ରତିନିଧିମାନେ ମଧ୍ୟ ଏକତ୍ରିତ ହୋଇଛନ୍ତି। ଆମ ଦେଶର ସଂସଦ ଏକ ନୂତନ ଇତିହାସ ସୃଷ୍ଟି କରିବାକୁ ଯାଉଛି। ଏକ ନୂତନ ଇତିହାସ ଯାହା ଅତୀତର ସ୍ୱପ୍ନକୁ ସାକାର କରିବ ଏବଂ ଭବିଷ୍ୟତର ସଂକଳ୍ପକୁ ପୂରଣ କରିବ। ଏକ ସମତାବାଦୀ ଭାରତ ପାଇଁ ଏକ ସଂକଳ୍ପ। ଯେଉଁଠାରେ ସାମାଜିକ ନ୍ୟାୟ କେବଳ ଏକ ସ୍ଲୋଗାନ ନୁହେଁ ବରଂ ଆମର କାର୍ଯ୍ୟ ସଂସ୍କୃତି ଏବଂ ନିଷ୍ପତି ଗ୍ରହଣ ପ୍ରକ୍ରିୟାର ଏକ ସ୍ୱାଭାବିକ ଅଂଶ । ଆହୁରି ମଧ୍ୟ ମାଦୀ କହିଛନ୍ତି ଆସନ୍ତାକାଲି ଦେଶର ବିଭିନ୍ନ ସ୍ଥାନରେ ନୂତନ ବର୍ଷ ପାଳନ କରାଯିବ। ଆଜି, ମୁଁ ଜାଲିଆନାୱାଲା ବାଗ ହତ୍ୟାକାଣ୍ଡର ସାହସୀ ସହିଦମାନଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଜଣାଉଛି ।ଏହି ସମ୍ମିଳନୀ ଏପରି ଏକ ସମୟରେ ଅନୁଷ୍ଠିତ ହେଉଛି ଯେତେବେଳେ ଦେଶରେ ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ନୂତନ ଗତି ଆସିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ, କେନ୍ଦ୍ର ସରକାର ଏହି ବାର୍ତା ଦେବାକୁ ଲକ୍ଷ୍ୟ ରଖିଛନ୍ତି ଯେ ଭାରତର ବିକାଶ ଯାତ୍ରାରେ ମହିଳାମାନଙ୍କର ଭୂମିକା କେବଳ ସହାୟକ ନୁହେଁ ବରଂ ନିର୍ଣ୍ଣାୟକ ମଧ୍ୟ ହେବା ଉଚିତ। ୧୬ ଏପ୍ରିଲରେ ସଂସଦ ଏକ ଇତିହାସ ରଚିବାକୁ ଯାଉଛି।

ଫାଟିଲା ଗ୍ୟାସ ସିଲିଣ୍ଡର : ୫ ଗୁରୁତର, ୧ ମୃତ

ନୟାଗଡ,୧୩/୪(ନି/ପ୍ର): ଗ୍ୟାସ ସିଲିଣ୍ଡର ଫାଟି ଭୟଙ୍କର ବିସ୍ଫୋରଣ, ଗୋଟିଏ ପରିବାରର ୫ଜଣ ଗୁରୁତର, ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା । ନୟାଗଡ ଜିଲ୍ଲା ରଣପୁର ଏନଏସସିରୁ ଗତକାଲି ରାତିରେ ଏଭଳି ଅଘଟଣ ସାମ୍ନାକୁ ଆସିଛି । ଘରେ ରୋଷେଇ କରୁଥିବା ବେଳେ ଗ୍ୟାସ ଲିକ୍ ହେବାରୁ ସମ୍ପୂର୍ଣ୍ଣ ଘରେ ନିଆଁ ବ୍ୟାପିଯାଇଥିଲ । ଫଳରେ ଘରର ସମସ୍ତ ସଦସ୍ୟ ନିଆଁରେ ପୋଡ଼ିଯାଇଥିଲେ । ଘଟଣା ସ୍ଥଳରେ ରଣପୁର ଅଗ୍ନିଶମ ବାହିନୀ ପହଚିଂ ନିଆଁକୁ ଆୟତ କରିଥିବା ବେଳେ ସମସ୍ତ ଗୁରୁତର ମାନଙ୍କୁ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା । ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ସମସ୍ତଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।

ସ୍ତ୍ରୀକୁ ହତ୍ୟା କରି ପାଇଖାନା ଟାଙ୍କିରେ ପୋତିଥିଲା ସ୍ୱାମୀ ଗୁମର ଖୋଲିଲା ୪ ବର୍ଷର ପୁଅ

ରାଇଘର,୧୩/୪(ନି/ପ୍ର): ନବରଙ୍ଗପୁରଜିଲ୍ଲା ରାଇଘର ଥାନା ଅଧୀନରେ ଘଟିଛି ଏକ ଚାଚଂଲ୍ୟକର ଘଟଣା । ଚରିତ୍ରକୁ ସନ୍ଦେହ କରି ପତ୍ନୀକୁ ପିଟି ପିଟି ମାରି ଦେବାପରେ ପ୍ରମାଣ ଲୁଚାଇବାକୁ ଯାଇ ସ୍ୱାମୀ ଜଣକ ଏକ ପାଇଖାନା ଟାଙ୍କିରେ ପୋତି ଦେଇଥିଲା ବାପାର ଏଭଳି ଜଘନ୍ୟ କାମକୁ ୪ ବର୍ଷର ପୁଅ ସହି ନପାରି ପଡୋଶୀଙ୍କ ନିକଟରେ ହତ୍ୟା ଘଟଣାର ଗୁମର ଖୋଲିଛି । ରାଇଘର ଥାନା ଅନ୍ତର୍ଗତ ଯୋଡ଼ିଙ୍ଗା ପଚାଂୟତର ବୋରଗାଁ ଗ୍ରାମର ସୁବାସ ଗଣ୍ଡ ନିଜ ପତ୍ନୀ ମନେଇ ଗଣ୍ଡ ଏବଂ ପିଲାମାନଙ୍କୁ ନେଇ ଗତ ଶନିବାର ଦିନ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ସାରି ଘରକୁ ଫେରିବା ପରେ ପତ୍ନୀର ଚରିତ୍ରକୁ ସନ୍ଦେହ କରି ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇ ଶେଷରେ ସୁବାସ ମନେଇକୁ ପିଟିପିଟି ମାରି ଦେଇଥିଲା । ପ୍ରଣାମ ଲୁଚାଇବାକୁଯାଇ ସେହିଦିନ ରାତିରେ ନିଜ ପାଇଖାନା ଟାଙ୍କିରେ ମନେଇର ମର ଶରୀର ପୋତି ଦେଇଥିଲେ । କିନ୍ତୁ ନିଜ ଚାରି ବର୍ଷର ପୁଅକୁ ବାପାର ଏଭଳି ଜଘନ୍ୟ କାମକୁସହି ନପାରି ସମସ୍ତ ପଡୋଶୀଙ୍କୁ କହିଦେଇଥିଲା । ଗ୍ରାମବାସୀ ସୁବାସକୁ ଜେରା କରିବା ପରେ ସମସ୍ତ ଘଟଣା ପ୍ରକାଶ କରିଥିଲା । ଖବର ପାଇ ରାଇଘର ପୁଲିସ ଘଟଣା ସ୍ଥଳରେ ପହଂଚି ଟାଙ୍କିରୁ ଶବ ଉଦ୍ଧାର କରି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସ୍ୱାମୀକୁ ପୁଲିସ ଅଟକ ରଖିଛି।

ନୟାଗଡ଼ ଛେନାପୋଡ଼କୁ ମିଳିବ ଜିଆଇ ଟ୍ୟାଗ୍

ଭୁବନେଶ୍ୱର ୧୩/୪(ନି/ପ୍ର): ନୟାଗଡ଼ବାସୀଙ୍କ ପାଇଁ ଖୁସି ଖବର । ଖୁବ୍‌ଶୀଘ୍ର ବିଶ୍ୱ ପ୍ରସିଦ୍ଧ ନୟାଗଡ଼ ଛେନାପୋଡ଼କୁ ମିଳିବ ଜିଆଇ ଟ୍ୟାଗ୍ ମାନ୍ୟତା । ଏନେଇ ସୂଚନା ଦେଲେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ। ଆସନ୍ତା ମେ ୨୮ ଓ ୨୯ ତାରିଖ ବୈଠକରେ ବିଧିବଦ୍ଧ ଘୋଷଣା ହୋଇପାରେ। ପୂର୍ବରୁ ଏନେଇ ମନ୍ତ୍ରୀ ପିୟୂଷ ଗୋୟାଲଙ୍କୁ ଚିଠି ଲେଖିଥିଲେ ସାଂସଦ ସମ୍ବିତ ପାତ୍ର। ଶନିବାର ନୟାଗଡ ଛେନା ପୋଡର ସ୍ରଷ୍ଟା ସୁଦର୍ଶନ ସାହୁଙ୍କ ଜନ୍ମ ଦିନକୁ ବିଶ୍ୱ ଛେନାପୋଡ ଦିବସ ଭାବେ ପାଳନ କରାଯାଇଥିଲା । ଛେନାପୋଡ଼ ଗୋଟିଏ ଓଡ଼ିଆ ମିଠା । ଏହା ଛେନା, ଚିନି, ସୁଜି, କାଜୁ ଓ କିସମିସରେ ତିଆରି କରାଯାଏ ।

ହର୍ମୁଜ ପାଇଁ ବଳ କଷାକଷି : ଭୀଷଣ ହୋଇପାରେ ତୈଳ ସଙ୍କଟ

ୱାସିଂଟନ,୧୩/୪: ଇରାନ ସହ ଶାନ୍ତି ଆଲୋଚନା ବିଫଳ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆକ୍ରମଣାତ୍ମକ ରଣନୀତି ଅବଲମ୍ବନ କରିଛନ୍ତି। ସେ ଧମକ ଦେଇ କହିଛନ୍ତି, ଆମେରିକା ହର୍ମୁଜ ପ୍ରଣାଳୀରେ ଜାହାଜ ଅବରୋଧ ଆରମ୍ଭ କରିବ। କୌଣସି ଜାହାଜକୁ ହର୍ମୁଜ ଛାଡ଼ିବାକୁ ଅନୁମତି ଦିଆଯିବ ନାହିଁ। ଟ୍ରମ୍ପଙ୍କ ଏହି ଧମକ ତୁରନ୍ତ ଏକ ବୈଶ୍ୱିକ ଆତଙ୍କରେ ପରିଣତ ହୋଇଛି। ଟ୍ରମ୍ପ କହିଛନ୍ତି, ଆମେ ସମଗ୍ର ଜଳପଥକୁ ଅବରୋଧ କରିବୁ ଏବଂ ଯଦି କେହି ଏହାର ରାସ୍ତାରେ ଆସନ୍ତି, ତେବେ ଉଡ଼ାଇ ଦିଆଯିବ। ସେ କହିଛନ୍ତି ଯେ ହର୍ମୁଜ ଦେଇ ଯିବା ପାଇଁ ଇରାନକୁ ଅର୍ଥ ପ୍ରଦାନ କରିଥିବା ଜାହାଜଗୁଡ଼ିକୁ ବନ୍ଦ ପାଇଁ ସେ ନୌସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଇରାନ ସେନା ଆମେରିକାକୁ ଚେତାବନୀ ଦେଇଛି ଯେ ଆମ ଅନୁମତି ନଥାଇ କେ ?ଣସି ଜାହାଜ ଚଳାଚଳ କଲେ ତତ୍‌କ୍ଷଣାତ ଆକ୍ରମଣ କରାଯିବ। ହର୍ମୁଜରେ ଯଥାସ୍ଥିତି ବଜାୟ ରହିବ ବୋଲି ଇରାନ ସେନାର ଶୀର୍ଷ କମାଣ୍ଡରମାନେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପାକିସ୍ତାନରେ ଆଲୋଚନା ବିଫଳ ଘୋଷଣା ହେବା ମାତ୍ରେ ଆମେରିକା ହର୍ମୁଜରୁ ମାଇନ୍ ହଟାଇ ଏହାକୁ ନିଜ ନିୟନ୍ତ୍ରଣକୁ ନେବା ପାଇଁ ଗତରାତିରୁ ଅଭିଯାନ ଆରମ୍ଭ କରିଛି। ଟ୍ରମ୍ପ 'ଟ୍ରୁଥ୍'ରେ କହିଛନ୍ତି, ନୌସେନାର ଅବରୋଧ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଇରାନ ଯଦି ଆମେରିକା କିମ୍ବା ଅନ୍ୟ କୌଣସି ରାଷ୍ଟ୍ରର ଶାନ୍ତିପୂର୍ଣ୍ଣ ଜାହାଜ ଉପରକୁ ଗୁଳି ଚଳାଇବ, ତେବେ ଏହାକୁ ଉଡ଼ାଇ ଦିଆଯିବ। ଆମେରିକା ରାଷ୍ଟ୍ରପତି ଏହା ମଧ୍ୟ କହିଛନ୍ତି ଯେ ଏହି ଅବରୋଧ ଅଭିଯାନରେ ଅନ୍ୟ ଦେଶମାନେ ମଧ୍ୟ ସଂପୃକ୍ତ ହେବେ। ନୂଆଦିଲ୍ଲୀ: ଆମେରିକା-ଇରାନ ଆଲୋଚନା ବିଫଳ ହେବା ପରେ ବିଶ୍ୱ ତୈଳ ବଜାର ପାଇଁ ସଙ୍କଟ ବଢ଼ିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲଦର ପୁଣି ଦ୍ରୁତ ଗତିରେ ବଢ଼ିବା ଆଶଙ୍କା ଉପୁଜିଛି। ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ବନ୍ଦ ହେଲେ ଭାରତରେ ତେଲ ଓ ଗ୍ୟାସ୍ ସଙ୍କଟ ସୃଷ୍ଟି ହୋଇପାରେ। କାରଣ ଏହି ବାଟ ଦେଇ ଭାରତ ପ୍ରତିଦିନ ୨.୫-୨.୭ ନିୟୁତ ବ୍ୟାରେଲ୍ ତେଲ ଆମଦାନି କରୁଛି। ଭାରତକୁ ମୁଖ୍ୟତଃ ଇରାକ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ (ୟୁଏଇ) ଓ କୁଏତ୍‌ରୁ ତେଲ ଓ ଗ୍ୟାସ୍ ଆସିପାରିବ ନାହିଁ। ଯୁଦ୍ଧ ପାଇଁ ଏମିତିରେ ବି ଦେଶରେ ତେଲ ଓ ଗ୍ୟାସ୍‌ର ଅଭାବ ରହିଛି। ନୂଆ ତେଲ ଓ ଗ୍ୟାସ ଆସିବା ସମ୍ପୂର୍ଣ୍ଣ ବନ୍ଦ ହେଲେ ପେଟ୍ରୋଲ ପମ୍ପଗୁଡ଼ିକରୁ ତେଲ ଓ ଗ୍ୟାସ୍ ଏଜେନ୍ସିଗୁଡ଼ିକରୁ ଏଲ୍‌ପିଜି ସରିଯିବ। ଭାରତ ଆମଦାନି କରୁଥିବା ୮୦-୮୫ ପ୍ରତିଶତ ତରଳୀକୃତ ପେଟ୍ରୋଲିୟମ ଗ୍ୟାସ୍ (ଏଲ୍‌ପିଜି) ଓ ୬୦ ପ୍ରତିଶତ ତରଳୀକୃତ ପ୍ରାକୃତିକ ଗ୍ୟାସ୍ (ଏଲ୍‌ଏନ୍‌ଜି) ହର୍ମୁଜ ପ୍ରଣାଳୀ ଦେଇ ଆସୁଛି। ଅତଏବ ଉଭୟ ସାଧାରଣ ଗ୍ରାହକ ଓ ଶିଳ୍ପ ସଂସ୍ଥାଗୁଡ଼ିକ ପ୍ରଭାବିତ ହେବେ।

କେନ୍ଦୁଝର ସମାଚାର

A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଗ୍ରାମୀଣ ପ୍ରତିଭାକୁ ବିଶ୍ୱସ୍ତରକୁ ନେବାକୁ ଆମର ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୧୩/୪(ନି/ପ୍ର): କେନ୍ଦୁଝର ଷ୍ଟାଡିଅମ ଠାରେ ଆୟୋଜିତ ୧୧ତମ ଶୁଭାଶିଷ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରାଉରକେଲା ୟୁଥ କ୍ରିକେଟ କ୍ଲବ ରାଇଜିଂ ଷ୍ଟୁଡେଣ୍ଟସ କଟକକୁ ୩୪ ରନରେ ପରାସ୍ତ କରି ବିଜୟୀ ହୋଇଛି । ଏହି ଫାଇନାଲ ମ୍ୟାଚ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହିତ ବିଜୟୀ ଏବଂ ରନର୍ସ ଅପ ବିଜେତା ଦଳକୁ ପୁରସ୍କୃତ କରିଥିଲେ । ଆମ ଦେଶରେ ପ୍ରତିଭାର କୌଣସି ଅଭାବ ନାହିଁ । କିନ୍ତୁ ଦେଶର ଗ୍ରାମୀଣ ପ୍ରତିଭାମାନଙ୍କୁ ଚିହ୍ନଟ ଚିହ୍ନଟ କରି ସେମାନଙ୍କୁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଣିଦେବା ହେଉଛି ଆମ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ । ଏଥିପାଇଁ ପ୍ରତି ପଂଚାୟତ ଏବଂ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରି ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ମାଧ୍ୟମରେ ସରକାର ପ୍ରତିଭା ଚିହ୍ନଟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ । , ବର୍ତ୍ତମାନ ଉଦୀୟମାନ ଖେଳାଳି ଛୋଟ ଛୋଟ ସହରରୁ ଆସି ନିଜକୁ ପ୍ରତିଷ୍ଠିତ କରି ପାରୁଛନ୍ତି । ଧୋନୀ, ଜାଡେଜା, ରିଙ୍କୁ ସିଂ, ସୁରେଶ ରାଇନା, ଶୁଭମନ ଗିଲ, ଯଶସ୍ୱୀ ଜୟଶ୍ୱାଲ ଇତ୍ୟାଦି ଦେଖାଇଛନ୍ତି ଯେ ଯଦି ପ୍ରତିଭା ଅଛି ତେବେ ସଫଳତା ଦୂର ନୁହେଁ । କେନ୍ଦୁଝର ଷ୍ଟାଡିୟମଠାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲା ଯୋଜନା ବୋର୍ଡ କମିଟି ଅଧ୍ୟକ୍ଷ, ଡାକ୍ତର ଫକୀର ନାଏକ, ଚମ୍ପୁଆ ବିଧାୟକ ଶ୍ରୀ ସନାତନ ମହାକୁଡ଼, ଜିଲ୍ଲାପାଳ ବିଶାଳ ସିଂହ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝରର ଅଧ୍ୟକ୍ଷା ଶ୍ରୀମତୀ ମମିତା ନାଏକ, କେନ୍ଦୁଝରଗଡ଼ ପୌରପରିଷଦର ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ, ସମାଜସେବୀ ଶୁକଦେବ ମହାନ୍ତ ଏବଂ ଫେମସ କ୍ଲବର ସଭାପତି ବିଶ୍ୱଜିତ ତ୍ରିପାଠୀ ଉପସ୍ଥିତ ଥିଲେ ।

କେନ୍ଦୁଝରରେ ଆମ ଆଦମୀ ପାର୍ଟିର ନିର୍ବାଚନ ପ୍ରସ୍ତୁତି ବୈଠକ ସହିତ ମିଶ୍ରଣ ପର୍ବ

କେନ୍ଦୁଝର,୧୩/୪(ନି/ପ୍ର): ଆମ ଆଦମୀ ପାର୍ଟି, କେନ୍ଦୁଝର ପକ୍ଷରୁ ଆସନ୍ତା ନିର୍ବାଚନକୁ ନଜରରେ ରଖି କେନ୍ଦୁଝର ଜିଲ୍ଲାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ରୋଟାରୀ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହା ସହିତ ଦଳର ମିଶ୍ରଣ ପର୍ବ ମଧ୍ୟ ଆୟୋଜିତ ହୋଇଥିଲା, ଯେଉଁଠାରେ ଅନେକ ନୂତନ ସଦସ୍ୟ ଦଳରେ ଯୋଗଦେଇଥିଲେ । ଏହି ବୈଠକରେ କେନ୍ଦୁଝର ଜିଲ୍ଲା ପ୍ରଭାରୀ ଆଚାର୍ଯ୍ୟ କଲ୍ୟାଣ ଆନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ ତାଙ୍କ ଉଦବୋଧନରେ ଦଳର ସଂଗଠନକୁ ଆହୁରି ମଜବୁତ କରିବା ସହ ଗ୍ରାସରୁଟ୍ ସ୍ତରରେ କାମ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ । ସେ କହିଥିଲେ ଯେ ଶିକ୍ଷା, ସ୍ୱାସ୍ଥ୍ୟ, ପାଣି, ବିଦ୍ୟୁତ୍ ଓ ନିଯୁକ୍ତି ଭଳି ମୂଳଭୂତ ସମସ୍ୟାଗୁଡିକୁ ନେଇ ଲୋକମାନଙ୍କ ମଧ୍ୟରେ ପହଂଚିବା ଦରକାର । ଏହି କାର୍ଯ୍ୟକ୍ରମରେ ଲୋକସଭା ସଭାପତି ସୁଶାନ୍ତ ନାୟକ, ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂହ, ଜିଲ୍ଲା ଉପସଭାପତି ଜୈନୁଲ ଆବେଦିନ, ଜିଲ୍ଲା ସାଧାରଣ ସମ୍ପାଦକ ଶୁଭଙ୍କର ମହାନ୍ତି, ଜିଲ୍ଲା ଯୁବ ସଭାପତି କମଳ ଲୋଚନ ମହାନ୍ତ, ଜିଲ୍ଲା କୋଷାଧ୍ୟକ୍ଷ ସନ୍ତୋଷ ବାରିକ, କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀ ସଭାପତି ଜୟକୃଷ୍ଣ ନାୟକ ଓ ଦାଶରଥୀ ମହାନ୍ତ, ପାଟଣା ନିର୍ବାଚନ ମଣ୍ଡଳୀ ସଭାପତି ଖଗେଶ୍ୱର ମହାନ୍ତ, ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସଭାପତି ମନୋରଞ୍ଜନ ପଲେଇ, ତେଲକୋଇ ନିର୍ବାଚନ ମଣ୍ଡଳୀ ସଭାପତି ତଥା ଗୀତାରାଣୀ ମହାନ୍ତ, ମମତା ରାଣୀ ବିଶ୍ୱକଲ୍ୟାଣୀ ମହାନ୍ତ, ସୁମିତ୍ରା ପ୍ରଧାନ ଉପସ୍ଥିତ ଥିଲେ । ବୈଠକରେ ଆସନ୍ତା ନିର୍ବାଚନ ପାଇଁ କୌଶଳ ଓ କାର୍ଯ୍ୟପଦ୍ଧତି ଉପରେ ତଳସ୍ତରରୁ ବ୍ୟାପକ ଆଲୋଚନା ହୋଇଥିଲା । ଏହା ସହିତ ମିଶ୍ରଣ ପର୍ବରେ ଯୋଗଦେଇଥିବା ନୂତନ ସଦସ୍ୟମାନଙ୍କୁ ଦଳର ପତାକା ଓ ଉତରୀୟ ପିନ୍ଧାଇ ସ୍ୱାଗତ କରାଯାଇଥିଲା । ଶେଷରେ, ସମସ୍ତ କର୍ମୀ ଏକତାବଦ୍ଧ ହୋଇ ଆସନ୍ତା ନିର୍ବାଚନରେ ଦଳକୁ ସଫଳ କରିବା ପାଇଁ ସଂକଳ୍ପ ନେଇଥିଲେ ।

ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

କେନ୍ଦୁଝର,୧୩/୪(ନି/ପ୍ର): ଶିକ୍ଷକମାନେ କେବଳ ପାଠ ପଢ଼ାନ୍ତି ନୁହେଁ, ସେମାନେ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଢ଼ନ୍ତି ଓ ସଠିକ୍ ଜୀବନମାର୍ଗ ଦେଖାନ୍ତି, ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୋଦାପଳାସାସ୍ଥିତ ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାର ଗଠନ ପରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଗତ ଦେଢ଼ ବର୍ଷରେ ପ୍ରାୟ ୨୦ ହଜାର ଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ ଆଗାମୀଦିନରେ ଆହୁରି ୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି । ସେହିପରି ୧୩ ହଜାର ସ୍କିମାଟିକ୍ ଶିକ୍ଷକଙ୍କୁ ନିୟମିତ କରାଯାଇଛି । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ୨୦୨୬-୨୭ ଆର୍ଥିକ ବର୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କାରୁ ଅଧିକ ପ୍ରାବଧାନ ରଖାଯାଇଛି, ଯାହା ମୋଟ ବଜେଟର ୧୦.୩ ପ୍ରତିଶତ । ରାଜ୍ୟର ପ୍ରତ୍ୟେକ ପଚାଂୟତରେ ଗୋଟିଏ କରି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ପଚାଂୟତରେ ଏହାର କାମ ଆରମ୍ଭ ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ଭିତିଭୂମି ବିକାଶ ପାଇଁ ୩ କୋଟି ଟଙ୍କା ଅନୁଦାନ ଘୋଷଣା କରାଯାଇଥିବା ବେଳେ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ କରିବା ପାଇଁ ୧୦ କୋଟି ଟଙ୍କା ଓ ୭ ଏକର ଜମି ଯୋଗାଣ ସମ୍ବନ୍ଧରେ ମଧ୍ୟ ଘୋଷଣା କରାଯାଇଛି । ସେହିପରି ପିଏମ୍ ଶ୍ରୀ ଯୋଜନାରେ ରାଜ୍ୟର ୮୦୦ ବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯାଉଥିବା ସହ ନିପୁଣ ଓଡ଼ିଶା ମିଶନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ବିକାଶ ଉପରେ ଜୋର ଦିଆଯାଉଛି । ଏହି କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଶ୍ରୀ ଫକିର ମୋହନ ନାୟକ, ପାଟଣା ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାୟକ, କେନ୍ଦୁଝର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ମମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନଶିକ୍ଷକ ଶ୍ରୀ ନିଳାମ୍ବର ମହାନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜସେବୀ ଶ୍ରୀ ଜଗନ୍ନାଥ ସିଂହ ଧନ୍ୟବାଦ ଜଣାଇଥିଲେ ।

କେନ୍ଦୁଝର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ରୌପ୍ୟ ଜୟନ୍ତୀ ଉତ୍ସବରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

୨ବାଇକ ମୁହାଁମୁହିଁ ଧକ୍କା, ୧ ମୃତ, ୪ ଜଣ ଗୁରୁତର

ବେତନଟୀ,୧୩/୪(ନି/ପ୍ର): ମୟୂରଭଞ୍ଜ ଜିଲ୍ଲା ଦାନ୍ତିଆମୁହାଁ-ଚିତ୍ରଡା ରାଜ୍ୟ ରାଜପଥ ଦୁର୍ଗାପୁର ଠାରେ ଦୁଇ ଦ୍ରୁତଗାମୀ ବାଇକ ମଧ୍ୟରେ ମୁହାଁମୁହିଁ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଏବଂ ତିନିଜଣ ଆହତ ହୋଇଛନ୍ତି । ଏହି ଦୁର୍ଘଟଣାର ଶିକାର ହୋଇଥିବା ଜଣେ ୧୦ବର୍ଷୀୟା ନାବାଳିକାଙ୍କୁ ଶଙ୍କଟାପନ୍ନ ଅବସ୍ଥାରେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମୃତକ ଜଣକ ହେଉଛନ୍ତି ବଡ଼ସାହି ଥାନା ଅଧୀନ ମାଙ୍କଡ଼କେନ୍ଦା ଗ୍ରାମର ବୁଧୁରାମ ସୋରେନଙ୍କ ପୁଅ ଗାଜମ ଓରଫ ଲକ୍ଷଣା ସୋରେନ । ସୂଚନା ମୁତାବକ ଗୋଟିଏ ବାଇକରେ ବଡ଼ସାହି ଥାନା ଅଧୀନ ମାଙ୍କଡ଼କେନ୍ଦା ଗ୍ରାମର ଲକ୍ଷଣା ସୋରେନ ଏବଂ ନିଜର ୧୦ବର୍ଷର ନାବାଳିକା ଝିଅ ସୁଭଦ୍ରା ଏବଂ ସେହି ମାଙ୍କଡ଼କେନ୍ଦା ଗ୍ରାମର ନିରଞ୍ଜନ ନାଏକର ପୁଅ ବାବୁଲା ନାଏକ ନିଜର ଓଆର ୦୧ଏନ ୫୦୮୨ ନମ୍ବର ବିଶିଷ୍ଟ ବାଇକ ଯୋଗେ ଚିତ୍ରଡା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଓଡି ୦୧ ଏଆର ୯୮୬୦ ନମ୍ବର ବିଶିଷ୍ଟ ବାଇକଯୋଗେ ରାସଗୋବିନ୍ଦପୁର ଥାନା ବଡାମପୁର ଫାଣ୍ଡି ଅଧୀନ ବୋଧି ଗ୍ରାମର ରାଜକିଶୋର ସିଂଙ୍କ ପୁଅ ପ୍ରବୀର ସିଂ ଏବଂ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଧୀନ ବାରବାଡିଆ ଗ୍ରାମର ମହାବୀର ରାମଙ୍କ ପୁଅ କୁନା ରାମ ଯାଉଥିବା ବେଳେ ଦୁର୍ଗାପୁର ଠାରେ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ସମସ୍ତେ ଗୁରୁତର ଆହତ ହୋଇଥିବା ବେଳେ ଖବରପାଇ ବଡ଼ଜାମବଣି ଫାଣ୍ଡି ଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତ ସ୍ଥାନୀୟଲୋକଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାରକରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ଗାଜମ ଓରଫ ଲକ୍ଷଣାକୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ନାବାଳିକା ଝିଅ ସୁଭଦ୍ରାଙ୍କର ରକ୍ତବାନ୍ତି ହେବା ସହିତ ଅବସ୍ଥା ଅତ୍ୟନ୍ତ ଶଙ୍କାଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସାପରେ ତୁରନ୍ତ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଗୁରୁତର ମାନଙ୍କୁ ବେତନଟୀ ଡାକ୍ତରଖାନାରେ ଚିକିତ୍ସିତ କରାଯାଇଛି। ବେତନଟୀ ପୁଲିସ ଡାକ୍ତରଖାନାରେ ପହଚିଂ ତଦନ୍ତ ଆରମ୍ଭ କରିଥିବା ବେଳେ ବଡ଼ଜାମବଣି ଫାଣ୍ଡି ଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତ ଦୁର୍ଘଟଣାଗ୍ରସ୍ତ ଉଭୟ ବାଇକ ଜବତ କରିଛନ୍ତି।

ସ୍ୱର୍ଗତ ବସନ୍ତ ନାୟକଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସମାରୋହ

ଭଦ୍ରକ, ୧୩/୪(ନି/ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପାଳିଆବିନ୍ଧା ପଂଚାୟତ ଅଧୀନ ପାଳିଆ ଗ୍ରାମରେ ସଂସ୍କୃତି ଗବେଷକ ତଥା ପୂର୍ବତନ ସରପଂଚ ସ୍ୱର୍ଗତ ବସନ୍ତ କୁମାର ନାୟକଙ୍କ ୧ମ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ ଶନିବାର ବସନ୍ତ ନାୟକ କଳା ସଂସ୍କୃତି ଓ ସ୍ମୃତି ନ୍ୟାସ ପକ୍ଷରୁ ସ୍ମୃତି ଶ୍ରଦ୍ଧାଞ୍ଜଳୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ମୃତି ନ୍ୟାସ ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଯେଉଁ ମଣିଷ ମୃତ୍ୟୁ ପରେ ସମସ୍ତଙ୍କ ହୃଦୟରେ ରହିଥାଏ ସେ ହିଁ ସ୍ମରଣୀୟ ହୋଇଥାଏ ବୋଲି କହିବା ସହ ତାଙ୍କ ସ୍ମୃତିରେ ଯେଉଁ ମେଧାବୀ ଛାତ୍ର ମାନଙ୍କୁ ଘଂଟା ପୁରସ୍କାର ଦିଆଯାଇଛି ସେମାନେ ସମୟକୁ ସଦଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ନିରଞ୍ଜନ ପାଢ଼ୀ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ଉପକାର ପାଇଁ ସେ ଅମର ହୋଇ ରହିବେବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଶିଷ୍ଟ କବି ହୃଦାନନ୍ଦ ପାଣିଗ୍ରାହୀ, ବିଶିଷ୍ଟ କଥାକାର ପବିତ୍ର ପାଣିଗ୍ରାହୀ, ବରିଷ୍ଠ କବି ଦୀନବନ୍ଧୁ ପତି, କମାଣ୍ଡର ଦେବାଶିଷ ନାୟକ, ସ୍ମୃତି ନ୍ୟାସ ସମ୍ପାଦକ ରାମ ନାରାୟଣ ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ । ଏହି ଅବସରରେ ସ୍ମୃତିନ୍ୟାସ ପକ୍ଷରୁ ମେଧାବୀ ଛାତ୍ରୀ ବସୁନ୍ଧରା ଦାସ, ସୁଭଦ୍ରା ସେନାପତି, ଛାତ୍ର ଅଜୟ ଭାରତ ପାଣିଗ୍ରାହୀ ଓ ମୁକ୍ତି ରଞ୍ଜନ ଶତପଥୀ, ସାହିତ୍ୟିକ ଭଗବାନ ଚନ୍ଦ୍ର ନାୟକ, ଆଦର୍ଶ କୃଷକ କୈଳାସ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡ. ବିଶ୍ୱରଞ୍ଜନ ଦାସ ସଂଯୋଜନା କରିଥିବା ବେଳେ ସ୍ୱର୍ଗତ ନାୟକଙ୍କ ସୁପୁତ୍ର ପାଳିଆବିନ୍ଧା ସମିତିର ପୂର୍ବତନ ସଭାପତି ସୁଧନ୍ୱା ନାୟକ କୃତଜ୍ଞତା ଜଣାଇଥିଲେ । ଏହିଅବସରରେ ପ୍ରଥମେ ଜିଲ୍ଲାପାଳ ଶ୍ରୀ ରାଉତରାଏ ସ୍ୱର୍ଗତ ନାୟକଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ନେତ୍ରାନନ୍ଦ ମଲିକ ଓ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ରାଜେନ୍ଦ୍ର କୁମାର ଦାସ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଧାମନଗର ବିଜେଡ଼ି ବରିଷ୍ଠ ନେତା ଡା. ସଞ୍ଜୟ କୁମାର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ବରିଷ୍ଠ କଂଗ୍ରେସ ନେତା ସତ୍ୟାନନ୍ଦ ରାଉତ, ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର ନାୟକ,ବିଏନଏମଏ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୁମାର ପରିଡା,ପୂର୍ବତନ ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ, କବି ଡ. ରାଧାରାଣୀ ମହାପାତ୍ର, ଙ୍ଗ ମହେଶ ଦାସ ,ଆଇନିଜୀବି ନିକୁଞ୍ଜ କୃଷ୍ଣ ପୁହାଣ,ଅଶୋକ ବଳ,ସମିତିସଭ୍ୟ ଜୀବନଜ୍ୟୋତି ପଲେଇ, ଚିନ୍ତାମଣି ଦାସ ଓ ଜୟପ୍ରକାଶ ମଲିକ,ଅମିୟ ମଲ୍ଲିକ,କୀର୍ତ୍ତନ ରାଉତ,ହରେକୃଷ୍ଣ ଜେନା,ଗଣେଷ ନାୟକ,ଦେବେନ୍ଦ୍ର ପୁହାଣ,ଆଶିଷ ମଲ୍ଲିକ,ଦିଲ୍ଲୀପ ବିଶ୍ୱାଳ, ନବକିଶୋର ମଲ୍ଲିକ ,ପ୍ରଫୁଲ୍ଲ ପାଢ଼ୀ,ଅଶ୍ୱିନି ମହାନ୍ତି,ଅରୁଣ ମହାନ୍ତି ପ୍ରମୁଖଙ୍କ ସମେତ ବହୁ ନେତା, ସମାଜସେବୀ ଓ ବୁଦ୍ଧିଜୀବୀ ସ୍ମୃତି ଶ୍ରଦ୍ଧାଞ୍ଜଳୀ ଅର୍ପଣକରିଥିଲେ । ପୂର୍ବତନ ସରପଂଚ ଅର୍ଚ୍ଚନା ନାୟକ, ଶାନ୍ତନୁ ନାୟକ, ଗୌତମ ନାୟକ, ଅମର ନାୟକ, ଦୁଷ୍ମନ୍ତ ନାୟକ, ଭରତ ସାହୁ ,ଅରବିନ୍ଦ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଚୁଡ଼ାକୁଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଭଦ୍ରକ,୧୩/୪(ନି/ପ୍ର): ଏହି ଜିଲାର ଧାମନଗର ବ୍ଲକ ଅଧୀନ ଚୁଡ଼ାକୁଟି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୯ମ ବାର୍ଷିକ ଉତ୍ସବ ଶନିବାର ଭବ୍ୟ ଭାବେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା ସହ ସଂସ୍କାର ଗଢ଼ି ତୋଳିବାକୁ ଲକ୍ଷ୍ୟ କରି ଅନୁଷ୍ଠିତ ଏହି ଉତ୍ସବ ଅଂଚଳରେ ଶିକ୍ଷାମୂଳକ ପରିବେଶକୁ ଆହୁରି ସୁଦୃଢ଼ କରିଛି । ବିଦ୍ୟାଳୟର ପ୍ରତିଷ୍ଠାତା ବିବେକାନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ସାମ୍ବାଦିକ ନରେନ୍ଦ୍ର ସାମଲ ସୁଚାରୁ ଭାବେ ସଂଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ଶିକ୍ଷା ହେଉଛି ଜୀବନ ଗଢ଼ିବାର ମୂଳ ଆଧାର ବୋଲି କହିଥିଲେ । ସେ କହିଥିଲେ, ପ୍ରାଥମିକ ଶିକ୍ଷାରୁ ଶିଶୁମାନଙ୍କ ମନରେ ନୈତିକତା, ଶିଷ୍ଟାଚାର ଓ ଦେଶପ୍ରେମର ଚାରା ରୋପଣ କରିବା ଅତ୍ୟାବଶ୍ୟକ । ମୁଖ୍ୟ ବକ୍ତା ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ ନିଜ ଉଦ୍‌ବୋଧନରେ କହିଥିଲେ ଯେ, ବର୍ତ୍ତମାନ ଯୁଗରେ ଶିକ୍ଷା କେବଳ ପାଠ୍ୟପୁସ୍ତକରେ ସୀମିତ ନ ରହି, ଚରିତ୍ର ଗଢ଼ିବାରେ ମୁଖ୍ୟ ଭୂମିକା ନେବା ଦରକାର । ସମ୍ମାନିତ ଅତିଥି ଭାବେ ଏଡିଓ ପ୍ରଫୁଲ୍ଲ କୁମାର ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ ଓ ଓଡ଼ିଶା ଶିକ୍ଷାବିକାଶ ପରିଷଦର ସୁଦର୍ଶନ ପରିଡା ପ୍ରମୁଖ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ସାହିତ୍ୟିକ ଓ ସାଂସ୍କୃତିକ କାର୍ଯକ୍ରମ, ଯାହା ଦର୍ଶକମାନଙ୍କୁ ମୋହିତ କରିଥିଲା । କ୍ରୀଡ଼ା ଓ ଶିକ୍ଷାକ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରି ତାଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରିତ କରିଥିଲେ । ସ୍କୁଲ କମିଟି ସଭାପତି ଜୟନ୍ତ ସାହୁଙ୍କ ନେତୃତ୍ୱରେ ମାମିନା ରାଣୀ ପାଲ, ଗୋପୀନାଥ ସାମଲ, ପ୍ରମିଳା ବେହେରା, ଲକ୍ଷ୍ମୀପ୍ରିୟା ମହାକୁଡ଼, ପ୍ରିୟଙ୍କା ସାହୁ, ସରିତା ନାୟକ ଓ ଗୁରୁଜୀ ସଞ୍ଜୟ ସେଠୀ ପ୍ରମୁଖ ଉତ୍ସବକୁ ସଫଳ କରିବାରେ ସହଯୋଗ କରିଥିଲେ । ଏହିଅବସରରେ ସ୍ଥାନୀୟ ସାମ୍ବାଦିକମାନଙ୍କୁ ସମ୍ମାନିତ କରାଯାଇଥିବା ବେଳେ, ଶିକ୍ଷା ଓ ସମାଜ ସେବାରେ ତାଙ୍କର ଅବଦାନକୁ ସ୍ୱୀକାର କରାଯାଇଥିଲା । ଏହି ବାର୍ଷିକ ଉତ୍ସବ କେବଳ ଏକ ଆନନ୍ଦ ଅବସର ନୁହେଁ, ବରଂ ଶିଶୁମାନଙ୍କ ମନରେ ଶିକ୍ଷା, ଶୃଙ୍ଖଳା ଓ ସଂସ୍କୃତିର ମୂଲ୍ୟବୋଧକୁ ଦୃଢ଼ କରିବାରେ ଏକ ସୁଯୋଗ ସୃଷ୍ଟି କରିଛି ।

ସିଏମ୍ ଟ୍ରଫି-୨୦୨୬ ଦ୍ୱିତୀୟ ଦିବସ

ବଲାଙ୍ଗିର, ୧୩/୪(ନି/ପ୍ର): ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲ୍ଲା ଫୁଟବଲ୍ ଚାମ୍ପିୟନସିପ୍ ୨୦୨୬ ଦ୍ୱିତୀୟ ସଂସ୍କରଣ ଆଜି ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍ ଠାରେ ଦ୍ୱିତୀୟ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି । ସକାଳ ଖେଳରେ ଟିଟିଲାଗଡ଼ ଏଫ୍ସି ଛାତ୍ରୀ ଦଳ ୫-୦ ଗୋଲରେ ବଙ୍ଗୋମୁଣ୍ଡା ଏଫ୍ସି ଛାତ୍ରୀଦଳକୁ ହରାଇ ବିଜୟୀ ହେଲା । ସେହିପରି ଅପରାହ୍ନ ଖେଳ ବାଳକ ବର୍ଗରେ ଟିଟିଲାଗଡ଼ ଏଫ୍ସି ୧୨-୦ ଗୋଲରେ ପୁଇଁନ୍ତଲା ଏଫ୍ସିକୁ ହରାଇ ବିଜୟୀ ହୋଇଥିଲା । ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ସଂସଦ ତଥା ଫାଓ କାର୍ଯ୍ୟକାରୀ ସଭାପତି ଡ଼. ଶ୍ରୀକର ମିଶ୍ର, ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସାଧାରଣ ସଂପାଦକ ହରିନାରାୟଣ ପୂଜାରୀ, ଯୁଗ୍ମ ସଂପାଦକ ଶତ୍ରୁଘ୍ନ ସିଂହ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, କ୍ରୀଡ଼ା ସଂପାଦକ ବିଭୂତି ଭୂଷଣ ପଣ୍ଡା, ବରିଷ୍ଠ ସଦସ୍ୟ ଡ. ସିଦ୍ଧେଶ୍ୱର ମିଶ୍ର, କ୍ରୀଡ଼ାବିତ ସୁନିଲ ଚନ୍ଦ୍ର ବିଶ୍ୱାଳ, ଶୁଭ୍ରାଂଶୁ ଶେଖର ଅମାତ, ଭଲିବଲ ସଂପାଦକ ସଂଗ୍ରାମ କେଶରୀ ବହିଦାର, ସଦସ୍ୟ କୈଳାସ ଚନ୍ଦ୍ର କର୍ଚ୍ଚି, ସୁଧାଂଶୁ ସେଠ ଓ କ୍ରୀଡ଼ାବିତ ଶ୍ରୀକାନ୍ତ ରାଉତ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ ।

ଧସୁଛି ନୂଆ ତିଆରି ରାସ୍ତା

ପାଟଣା,୧୩/୪(ନି/ପ୍ର): କେନ୍ଦୁଝର ଜିଲ୍ଲା ପାଟଣା-ପିପିଲିଆ ରାସ୍ତାର ସ୍ୱାମୀ ହନୁମାନ ମନ୍ଦିର ଛକ ନିକଟ ପୋଲ ପାର୍ଶ୍ୱରେ ନବନିର୍ମିତ ରାସ୍ତା ଧସୁଥିବା ଦେଖିବାକୁ ମିଳିଛି । ଧୀରେ ଧୀରେ ଏହି ରାସ୍ତା ଧସି ପାଖ ଖାଲକୁ ଖସୁଥିବାରୁ ଏଠାରେ ପାଦଚଲା ରାସ୍ତା ନଷ୍ଟ ହୋଇ ଗଲାଣି । ଫଳରେ ଏହି ରାସ୍ତାରେ ସର୍ବଦା ଦୁର୍ଘଟଣା ଆଶଙ୍କା ରହୁଛି । ନବ ନିର୍ମିତ ରାସ୍ତାର ଦୁଇ ପାର୍ଶ୍ୱ ମାଟି ମୋରମ ପକାଯାଇ ରୋଲର ନକଲେ ଏପରି ବହୁ ସ୍ଥାନରେ ରାସ୍ତା ନଷ୍ଟ ହେବା ଆଶଙ୍କା ଥିବାରୁ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

ବିବିଧା

ରାଶିଫଳ

ମେଷ: ଅଚାନକ ଖୁସି ଖବର ପାଇବେ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ । ବନ୍ଧୁଙ୍କ ସହାୟତା ମିଳିପାରେ ।

ବୃଷ: ଅପେକ୍ଷାର ଫଳ ମିଳିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି ।

ମିଥୁନ: ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି । ରାଜନେତାଙ୍କ ପାଇଁ ଦିନଟି ଭଲ । ଲୋକସମ୍ପର୍କ ବୃଦ୍ଧି ପାଇବ । ନୂତନ ଯାନବାହନ କିଣିପାରନ୍ତି । ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ ।

କର୍କଟ: ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଉଧାର ଟଙ୍କା ଫେରି ପାଇବେ । ଯୋଜନା ମୁତାବକ କାମ କରନ୍ତୁ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

ସିଂହ: ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଜୀବନସାଥୀଙ୍କ ସହଯୋଗ ମିଳିପାରେ । ପୁରୁଣା ନିବେଶରୁ ଲାଭ ମିଳିପାରେ ।

କନ୍ୟା: ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ । ଘରେ ପୂଜାପାଠ ଆୟୋଜନ କରିବେ । ଆଗରୁ ନୂଆ ଅବସର ପ୍ରାପ୍ତ ହେବ । ଦାନ ଧର୍ମ କରନ୍ତୁ ।

ତୁଳା: ଆଜି ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିପାରେ । ମାନ ସମ୍ମାନ ବୃଦ୍ଧି ପାଇବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

ବିଛା: ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିପାରେ । ଅଚାନକ ଖୁସି ଖବର ମିଳିପାରେ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ ।

ଧନୁ: ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

ମକର: ବ୍ୟବସାୟରେ ଲାଭ ମିଳିପାରେ । ଭାଇ -ଭାଇ ମଧ୍ୟରେ କଳହ ଦେଖାଦେବ । ଅଚାନକ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ । ପ୍ରେମ ସମ୍ପର୍କ ସୁଖମୟ ହେବ ।

କୁମ୍ଭ: ବ୍ୟବସାୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ମାନ ସମ୍ମାନ ବୃଦ୍ଧି ପାଇବ । ବିବାହ ସମସ୍ୟାର ସମାଧାନ ହେବ । ଭାବି ଚିନ୍ତି ଖର୍ଚ୍ଚ କରନ୍ତୁ ।

ମୀନ: ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ପଢ଼ା ପାଇଁ ଅର୍ଥ ନିବେଶ କରିବେ । ଦୂରସ୍ଥାନକୁ ଯାତ୍ରା କରିବେ । ଧାର କରଜରୁ ନିବୃତ୍ତ ରହିବେ ।

ଆଜିର ଇତିହାସ

- ୧୯୧୯ - ଜେନେରାଲ ଡାୟାର ଅମୃତସରର ଜାଲିଆନାୱାଲାବାଗରେ ନିରୀହ ଜନତା ଉପରକୁ ଆନ୍ଧାଧୁନ୍ଦ ଗୁଳିଚାଳନା କରିଥିଲେ ।
- ୧୯୪୧- ସୋଭିଏତ୍ ସଂଘ ଓ ଜାପାନ ମଧ୍ୟରେ ଶାନ୍ତି ବୁଝାମଣା ।
- ୨୦୦୫- ବିଶ୍ୱନାଥନ୍ ଆନନ୍ଦ ଚତୁର୍ଥ ଥର 'ବିଶ୍ୱ ଚେସ୍ ଚାମ୍ପିଅନ' ହେଲେ ।
- ୨୦୧୩- ପାକିସ୍ତାନ ପେଶାୱରରେ ବୋମା ବିସ୍ଫୋରଣ ଯୋଗୁ ଆଠଜଣଙ୍କ ପ୍ରାଣହାନି ।

ରାଜଧାନୀ ପ୍ରତିଷ୍ଠା ଦିବସ

ମନ୍ଦିରମାଳିନୀ ସହର ଭାବେ ପରିଚିତ ଭୁବନେଶ୍ୱରର ଆଜି ଜନ୍ମଦିନ । ୭୮ ବର୍ଷରେ ପାଦ ଥାପିଛି ରାଜଧାନୀ ଭୁବନେଶ୍ୱର । ୧୯୪୬ ମସିହାରେ, ରାଜଧାନୀ ଭୁବନେଶ୍ୱରର ଯୋଜନା, ନକ୍ସା, ଡିଜାଇନ୍ ଓ ସହରୀ ସଂରଚନା ପ୍ରସ୍ତୁତ କରିଥିଲେ ପ୍ରଖ୍ୟାତ ଆର୍କିଟେକ୍ଟ ଓଟ୍ଟୋ କୋଏନିଗସ୍‌ବର୍ଗର । ୧୯୪୮ ମସିହା ଏପ୍ରିଲ ୧୩ତାରିଖ ଦିନ ଭୁବନେଶ୍ୱରରେ ନୂଆ ରାଜଧାନୀର ପ୍ରତିଷ୍ଠା ଫଳକ ସ୍ଥାପନ କରିଥିଲେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହରୁ । ସେବେଠାରୁ ପ୍ରତିବର୍ଷ ଆଜିର ଦିନକୁ ରାଜଧାନୀ ପ୍ରତିଷ୍ଠା ଦିବସ ଭାବେ ପାଳନ କରାଯାଉଛି । ୭୮ ବର୍ଷ ତଳେ ରାଜଧାନୀ ସବୁଜିମାରେ ପରିପୂର୍ଣ୍ଣ ଥିଲା । ମନ୍ଦିରମାଳିନୀରୁ ସ୍ମାର୍ଟ ସିଟିର ଏ ଲମ୍ବା ଯାତ୍ରା ଭିତରେ ବଢ଼ିଛି ସହରର କାୟା । ଦିନେ ହାତଗଣତି କେଇଟା କୋଠା ଘର ଥିବା ଏହି ସହରରେ ଆଜି ଯୁଆଡ଼େ ଚାହିଁବ ସିଆଡ଼େ ସୁଉଚ୍ଚ ଅଟ୍ଟାଳିକାମାନ ଦଣ୍ଡାୟମାନ । ମନ୍ଦିରମାଳିନୀ, ପୁଷ୍କରିଣୀମୟ ଓ ଜଙ୍ଗଲାଚ୍ଛାଦିତ ଭୁବନେଶ୍ୱରରେ ସମୟକ୍ରମେ ଦପ୍ତର, ବଜାର ଓ କର୍ପୋରେଟ୍ କମ୍ପ୍ଲେକ୍ସମାନ ପ୍ରତିଷ୍ଠିତ ହୋଇଛି । ୭୮ ବର୍ଷର ଏହି ଯାତ୍ରାରେ ଭୁବନେଶ୍ୱର, ଏବେ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ସ୍ପୋର୍ଟସ୍‌ର ହବ୍ ଭାବେ ବେଶ୍ ପରିଚିତ । ତେବେ ଭୁବନେଶ୍ୱର ନାମଟି ଶିବଙ୍କ ଅନ୍ୟନାମ ତ୍ରିଭୁବନେଶ୍ୱର ନାମରୁ ଆସିଅଛି । ଭୁବନେଶ୍ୱରରେ ଥିବା ଶତାଧିକ ମନ୍ଦିର ଏହାକୁ ମନ୍ଦିରମାଳିନୀ ସହର ଭାବେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ଭୁବନେଶ୍ୱରରେ ଲିଙ୍ଗରାଜ ମନ୍ଦିର, ରାଜାରାଣୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର ଆଦି ବହୁ ପୁରାତନ ମନ୍ଦିରମାନ ରହିଛି । ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଏହି ସହର ଭ୍ରମଣ କରିବାକୁ ଆସିଥାନ୍ତି । ଭୁବନେଶ୍ୱରର ଧଉଳିଠାରେ ଥିବା ଶାନ୍ତିସ୍ତୂପ ସହରକୁ ଦେଇଛି ସ୍ୱତନ୍ତ୍ର ପରିଚୟ । ଏହାସହିତ ଭୁବନେଶ୍ୱର ହେଉଛି ସ୍ୱର୍ଣ୍ଣ ତ୍ରିଭୁଜର ଏକ ଅଂଶ । ପୁରୀ, ଭୁବନେଶ୍ୱର ଓ କୋଣାର୍କ ଏହି ତିନୋଟି ସ୍ଥାନକୁ ସ୍ୱର୍ଣ୍ଣ ତ୍ରିଭୁଜ ଆଖ୍ୟା ଦିଆଯାଇଛି । ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ସହରର ବିଭିନ୍ନ ସ୍ଥାନକୁ ଆଲୋକମାଳାରେ ସଜ୍ଜିତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଏ ।

'ଲଭ୍ ଆଣ୍ଡ ୱାର୍'

ସଞ୍ଜୟଙ୍କୁ ଲିକ୍ ଭୟ, ବ୍ୟାନ୍ କଲେ ମୋବାଇଲ

ବଲିଉଡ଼ର ଅସାଧାରଣ ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଣ୍ସାଲି ଅନେକ ଦିନରୁ 'ଲଭ୍ ଆଣ୍ଡ ୱାର୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଏଥିରେ ଲିଡ୍ ରୋଲରେ ରଣବୀର କପୁର, ଆଲିଆ ଭଟ୍ଟ ଓ ଭିକି କୌଶଲ ନଜର ଆସିବେ । ନିରନ୍ତର ବ୍ୟବଧାନରେ ଏହି ଫିଲ୍ମକୁ ନେଇ ଖବର ଆସୁଛି । ଇତିମଧ୍ୟରେ ସଞ୍ଜୟ ସୁଟିଂ ସେଟ୍‌ରେ ସୁରକ୍ଷାକୁ ଟାଇଟ୍ କରିଦେଇଥିବା କୁହାଯାଉଛି । ସେ ସୁଟିଂ ସେଟ୍‌ରୁ ଫଟୋ ଓ ଭିଡିଓ ଲିକ୍ ହେଉ ବୋଲି ଚାହୁଁନାହାନ୍ତି । ତେଣୁ ସେ ସେଟ୍‌ରେ ମୋବାଇଲ ବ୍ୟାନ୍ କରିଛନ୍ତି । ସେଟ୍‌କୁ ଆସିବା ପୂର୍ବରୁ ସମସ୍ତଙ୍କୁ ଫୋନ୍ ଜମା କରିବାକୁ ପଡୁଛି । କେବଳ 'ଲଭ୍ ଆଣ୍ଡ ୱାର୍' ନୁହେଁ ପୂର୍ବରୁ ଅନେକ ଫିଲ୍ମରେ ଏହି ନିୟମ ଲାଗୁ କରାଯାଇଛି । ରଣବୀର ସଞ୍ଜୟଙ୍କ ଫିଲ୍ମ 'ସାଓ୍ୱରିୟା'ରୁ ବଲିଉଡ୍‌ରେ ଡେବ୍ୟୁ କରିଥିଲେ । ଏହାପରେ ଏ ଦୁହିଁଙ୍କୁ ଆଉ ଏକାଠି ଦେଖିବାକୁ ମିଳି ନଥିଲା । ଏହି ଫିଲ୍ମରେ ପୁଣି ଥରେ ସଞ୍ଜୟ ଓ ରଣବୀର ଏକାଠି କାମ କରୁଛନ୍ତି । ସେହିଭଳି ଆଲିଆ ଏହାପୂର୍ବରୁ ସଞ୍ଜୟଙ୍କ ସହ 'ଗଙ୍ଗୁବାଇ କାଠିଆୱାଡ଼ି'ରେ ନଜର ଆସିଥିଲେ । 'ଲଭ୍ ଆଣ୍ଡ ୱାର୍' ଏଇବର୍ଷ ଶେଷ ଅଥବା କିମ୍ବା ଆସନ୍ତାବର୍ଷ ଆରମ୍ଭରେ ରିଲିଜ୍ ହୋଇପାରେ ବୋଲି କୁହାଯାଉଛି ।

କେଜିଏ ତେଜପତ୍ରର ଦାମ୍ ଚାରି ଲକ୍ଷ

ଭାରତୀୟ ମସଲାରେ ତେଜପତ୍ରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଭାରତରେ ୧୦-୨୦ ଟଙ୍କାରେ ଏତେ ତେଜପତ୍ର ମିଳିଯାଏ ଯେ, ମାସେ ଦୁଇ ମାସ ପର୍ଯ୍ୟନ୍ତ ଏହାକୁ ଆରାମରେ ବ୍ୟବହାର କରାଯାଇ ପାରିବ । ଆମେରିକାରେ ରହୁଥିବା ଜଣେ ଭାରତୀୟ ଏକ ଛୋଟ ବୋତଲରେ ରଖାଯାଉଥିବା ତେଜପତ୍ରର ଦାମ୍ ସାମ୍ନାକୁ ଆଣି ସମସ୍ତଙ୍କୁ ଚକିତ କରି ଦେଇଛନ୍ତି । ଏହି ଭାରତୀୟ ଜଣକ ଏହାକୁ ନେଇ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି । ଆମେରିକାର ଏକ ସୁପରମାର୍କେଟ୍‌ରେ ୪ ଗ୍ରାମ୍ ତେଜପତ୍ରର ଏକ ଛୋଟ ପ୍ୟାକେଟ୍‌କୁ ୧୬୦୦ ଟଙ୍କାରେ ବିକ୍ରି କରାଯାଉଛି । ତେବେ ଯଦି ଜଣେ କେଜିଏ ତେଜପତ୍ର କିଣିବେ ତେବେ ତାଙ୍କୁ ଏବାବଦରେ ୪ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । ଏବେ ଏହି ଭିଡିଓ ଦେଖି ଭାରତୀୟମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ଆମେରିକା ତେଜପତ୍ର ଆମଦାନୀ କରିଥାଏ । ଭାରତ, ତୁର୍କୀ ଏବଂ ଅନ୍ୟ ଦେଶରୁ ଆସୁଥିବା ତେଜପତ୍ର ସେଠାରେ ମହଙ୍ଗା ହୋଇଥାଏ । କାରଣ ଆମଦାନୀ ଶୁଳ୍କ, ପରିବହନ, ପ୍ୟାକେଜିଂ ଏବଂ ସୁପରମାର୍କେଟ୍ ମାର୍ଜିନ୍ ବହୁତ ଅଧିକ ହୋଇଥାଏ । ଆମେରିକାରେ ମସଲା ସାଧାରଣତଃ ଛୋଟ ପ୍ୟାକେଟ୍‌ରେ ବିକ୍ରି କରାଯାଏ ଏବଂ ଏହାର ମାନ ପରୀକ୍ଷା ମଧ୍ୟ ବେଶ୍ କଡ଼ାକଡ଼ି ଭାବେ ହୋଇଥାଏ । ଭାରତରେ ତେଜପତ୍ର ଅମଳ କରାଯାଉଥିବାରୁ ଏହା ଅପେକ୍ଷାକୃତ ଶସ୍ତା ହୋଇଥାଏ । ତେଣୁ ଅନେକ ଭାରତୀୟ ଆମେରିକାରେ ରହି ମଧ୍ୟ ଭାରତରୁ ମସଲା ମଗାନ୍ତି । ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି ।

ସ୍ୱସ୍ତି

ହନୁମାନ ଜୟନ୍ତୀରେ ରାଶି ଅନୁସାରେ ଦାନ



ହନୁମାନ ଜୟନ୍ତୀରେ ହନୁମାନଙ୍କ ବିଶେଷ ପୂଜାର୍ଚ୍ଚନା କରାଯାଏ । ଏହାସହ ହନୁମାନ ଚାଳିଶା ପାଠ କରାଯାଏ । ତେବେ ଏହିଦିନ ରାଶି ଅନୁସାରେ ଦାନ କରିବା ଖୁବ୍ ଲାଭକାରୀ ବୋଲି କୁହାଯାଏ । ଏହା ଦ୍ୱାରା ଜୀବନରୁ କଷ୍ଟ ଦୂର ହେବା ସହ ମନୋକାମନା ପୂରଣ ହୁଏ ।

ମେଷ: ମେଷ ରାଶିଧାରୀ ଏହିଦିନ ନାଲି ଜିନିଷ ଦାନ କରିବା ଶୁଭ । ଡାଳିମ୍ବ, ଗୁଡ଼, ଟମାଟୋ ଆଦି ଦାନ କରିପାରିବେ ।

ବୃଷ: ବୃଷ ରାଶି ବ୍ୟକ୍ତି ବିଶେଷ ଚାଉଳ, ଅଟା, ଲୁଣ ଦାନ କରିବା ଭଲ । ସନ୍ଧ୍ୟାରେ ଲୁଣ ଦାନ କରିବା ଅନୁଚିତ ।

ମିଥୁନ: ସବୁଜ ରଙ୍ଗ ପୋଷାକ, ସବୁଜ ପନିପରିବା ଭଳି ଅନ୍ୟ କିଛି ସବୁଜ ରଙ୍ଗ ଜିନିଷ ମିଥୁନ ରାଶି ହନୁମାନ ଜୟନ୍ତୀରେ ଦାନ କରିପାରିବା ଶୁଭ ।

କର୍କଟ: କର୍କଟ ରାଶି ହନୁମାନ ଜୟନ୍ତୀରେ ଅନ୍ନ, ଚିନି ଆଦି ଧଳା ଜିନିଷ ଦାନ କରିବା ଭଲ ।

ସିଂହ: ଏହି ରାଶି ବ୍ୟକ୍ତିବିଶେଷ ହନୁମାନ ଜୟନ୍ତୀରେ ଗରିବ ଲୋକଙ୍କୁ ସେଓ, ଗୁଡ଼, ମସୁର ଡାଲି, ବାଦାମ ଦାନ କରିବା ଉଚିତ ।

କନ୍ୟା: ହନୁମାନ ଜୟନ୍ତୀ ଅବସରରେ କନ୍ୟା ରାଶି ଲୋକେ ଗାଈଙ୍କୁ ସବୁଜ ଚାରା ଖାଇବାକୁ ଦିଅନ୍ତୁ । ପନିପରିବା ଦାନ କଲେ ପୁଣ୍ୟ ପ୍ରାପ୍ତି ହୁଏ ।

ତୁଳା: ତୁଳା ରାଶି ବ୍ୟକ୍ତି ବିଶେଷ ଧଳା ବସ୍ତ୍ର, ଚିନି ଏବଂ ସୁଗନ୍ଧିତ ଜିନିଷ ହନୁମାନ ଜୟନ୍ତୀରେ ଦାନ କରିବା ଭଲ ।

ବିଛା: ବିଛା ରାଶି ବ୍ୟକ୍ତିଙ୍କ ପାଇଁ ନାଲି ଚନ୍ଦନ, ମସୁର ଡାଲି, ତମ୍ବା ବାସନ ଏହି ଦିନ ଦାନ କରିବା ଅତ୍ୟନ୍ତ ଲାଭକାରୀ ।

ଧନୁ: ଧନୁ ରାଶି ବ୍ୟକ୍ତି ହନୁମାନ ଜୟନ୍ତୀରେ ଚଣା ଡାଲି ଦାନ କରନ୍ତୁ । ଏହା ସହ ବୁନ୍ଦି ଲଡୁ, ବେସନ ଲଡୁ ହନୁମାନଙ୍କୁ ଅର୍ପଣ କଲେ ଶୁଭ ।

ମକର: ହନୁମାନ ଜୟନ୍ତୀରେ ମକର ରାଶି ବ୍ୟକ୍ତି କଳା ରାଶି, କଳା ରଙ୍ଗ କମ୍ବଳ, ଷ୍ଟିଲ ବାସନ ଦାନ ଅତ୍ୟନ୍ତ ପୁଣ୍ୟଦାୟୀ ।

କୁମ୍ଭ: ଏହି ରାଶି ବ୍ୟକ୍ତି ବିଶେଷ ହନୁମାନ ଜୟନ୍ତୀରେ ଗରିବଙ୍କୁ ଛତା, କଳା ବସ୍ତ୍ର, ତେଲ ଆଦି ଦାନ କରିବା ଶୁଭ ।

ମୀନ: ଏହି ଦିନ ମୀନ ରାଶିଧାରୀ ଅସହାୟ ଗରିବ ଲୋକଙ୍କୁ ଖେଚୁଡ଼ି ଦାନ କରି ପୁଣ୍ୟ ଲାଭ କରିପାରିବେ ।

ଯଜ୍ଞରେ 'ସ୍ୱାହା'

ହୋମ-ଯଜ୍ଞ ହିନ୍ଦୁ ସଂସ୍କୃତିର ଅଂଶ । ଯାହାର ବର୍ଣ୍ଣନା ହିନ୍ଦୁ ଧାର୍ମିକ ଗ୍ରନ୍ଥରେ ଦେଖିବାକୁ ମିଳେ । ତେବେ ହୋମରେ 'ସ୍ୱାହା' କହିବାର ବିଧି ଅଛି । କୁହାଯାଏ, ଆହୁତି ଦେବା ସମୟରେ 'ସ୍ୱାହା' ଉଚ୍ଚାରଣ କରାନ ଗଲେ, ଦେବୀ ଦେବତା ହୋମ ସାମଗ୍ରୀକୁ ସ୍ୱୀକାର କରି ନ ଥାନ୍ତି । ସେଥିପାଇଁ 'ସ୍ୱାହା' ବିନା ହୋମ-ଯଜ୍ଞ ଅଧୁରା ହୋଇଥାଏ । ଅବଶ୍ୟ ଏହା ପଛରେ କିଛି ଧାର୍ମିକ କାରଣ ଅଛି ।

ହିନ୍ଦୁ ଧର୍ମରେ ହୋମର ବିଶେଷ ମହତ୍ତ୍ୱ ଅଛି । ଗୃହ ପ୍ରବେଶ, ଧାର୍ମିକ କିମ୍ବା ଅନ୍ୟ କୌଣସି କାର୍ଯ୍ୟ ଆରମ୍ଭ ପୂର୍ବରୁ ହୋମ କରାଯାଇଥାଏ । କୁହାଯାଏ, ହୋମ କରିବା ଦ୍ୱାରା ସେହି କାର୍ଯ୍ୟରେ ଦେବୀ ଦେବତାଙ୍କ ଆଶୀର୍ବାଦ ମିଳିଥାଏ ଏବଂ ସୁଖ-ସମୃଦ୍ଧି ପ୍ରାପ୍ତି ହୁଏ । ତେବେ ଏହା କେବଳ ଧାର୍ମିକ ଦୃଷ୍ଟିକୋଣରୁ ମହତ୍ତ୍ୱ ହୋଇନ ଥାଏ, ବରଂ ଏହା ଦ୍ୱାରା ପରିବେଶ ମଧ୍ୟ ଶୁଦ୍ଧ ହୋଇଥାଏ । ତେବେ ହୋମ କରିବା ସମୟରେ ସ୍ୱାହା କିହାଁକି ଉଚ୍ଚାରଣ କରାଯାଏ ।

ଯଜ୍ଞ ସମୟରେ ହୋମ କୁଣ୍ଡରେ ହୋମ ସାମଗ୍ରୀ ଅର୍ପଣ କରିବା ବେଳେ ସ୍ୱାହା ଶବ୍ଦ ଉଚ୍ଚାରଣ କରାଯାଏ । ଏହାର ଅର୍ଥ ହେଉଛି ଠିକ୍ ରୀତିରେ ପହଞ୍ଚାଇବା । ଧାର୍ମିକ ମାନ୍ୟତାନୁସାରେ, ଅଗ୍ନିଦେବଙ୍କ ପତ୍ନୀଙ୍କ ନାଁ ସ୍ୱାହା ଥିଲା । ସେଥିପାଇଁ ହୋମ କୁଣ୍ଡରେ ଆହୁତି ଦେବା ସମୟରେ ପ୍ରତ୍ୟେକ ମନ୍ତ୍ରର ଉଚ୍ଚାରଣ ପରେ ସ୍ୱାହା କୁହାଯାଏ । ଏହା ଦ୍ୱାରା ଅଗ୍ନିଦେବ ପ୍ରସନ୍ନ ହୋଇଥାନ୍ତି ବୋଲି ବିଶ୍ୱାସ ଅଛି ।

ଧାର୍ମିକ ମାନ୍ୟତାନୁସାରେ, ହୋମ ସାମଗ୍ରୀ ଭୋଗ ଅଗ୍ନିଙ୍କ ମାଧ୍ୟମରେ ଦେବତାଙ୍କ ପାଖରେ ପହଞ୍ଚାଯାଏ । କୁହାଯାଏ, ଯେପର୍ଯ୍ୟନ୍ତ ଦେବୀ ଦେବତା ହୋମ ସାମଗ୍ରୀକୁ ଗ୍ରହଣ ନ କରନ୍ତି, ସେତେ ପର୍ଯ୍ୟନ୍ତ ଯଜ୍ଞ ସଫଳ ହୋଇ ନ ଥାଏ । ସ୍ୱାହା ମାଧ୍ୟମରେ ହୋମ ସାମଗ୍ରୀକୁ ଅର୍ପଣ କଲେ, ତାହାକୁ ଦେବୀ ଦେବତା ସ୍ୱୀକାର କରିଥାନ୍ତି ।

ମନ୍ଦିର ପରିକ୍ରମା

- ମନ୍ଦିରରେ ଠାକୁରଙ୍କ ପରିକ୍ରମା କରିବା ଦ୍ୱାରା ମନ, ଶରୀର ଏବଂ ଚିନ୍ତାଧାରା ଶୁଦ୍ଧ ହୁଏ । ତା' ସହ ସକାରାତ୍ମକ ଶକ୍ତି ମିଳେ । ପରିକ୍ରମା ସମୟରେ ଭକ୍ତ ଭଗବାନଙ୍କ ପ୍ରତି ସମର୍ପଣ ଓ କୃତଜ୍ଞତା ବ୍ୟକ୍ତ କରିଥାନ୍ତି । ତେବେ ମନ୍ଦିର ପରିକ୍ରମା ବୈଜ୍ଞାନିକ ଏବଂ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବି ମହତ୍ତ୍ୱପୂର୍ଣ୍ଣ ।
- ଧର୍ମ ଶାସ୍ତ୍ର ଅନୁସାରେ, ପରିକ୍ରମା ସମୟରେ ଲୋକ ଓଦା ଥିଲେ ଶକ୍ତି ଗ୍ରହଣ କରିବାର କ୍ଷମତା ବୃଦ୍ଧି ପାଏ । ତେଣୁ ବସ୍ତ୍ର ଓଦା ରହିବା ଆହୁରି ଅଧିକ ଭଲ । ସେହିପରି ବହୁତ ଅଧିକ ଲାଭ ସେତେବେଳେ ମିଳେ, ଯେତେବେଳେ ଜଣେ ଭକ୍ତ ଓଦା ପୋଷାକରେ ମନ୍ଦିର ପରିକ୍ରମା କରନ୍ତି । ଓଦା ପୋଷାକ ଶରୀରକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଥଣ୍ଡା ରଖେ । ଏହା ଦ୍ୱାରା ଶକ୍ତିର ଅବଶୋଷଣ ଭଲ ଭାବେ ହୁଏ ।
- ସେହିପରି ମନ୍ଦିରରେ ବିଭିନ୍ନ ଠାକୁରଙ୍କ ପରିକ୍ରମା କରିବା ସଂଖ୍ୟା ମଧ୍ୟ ଭିନ୍ନ । ଧର୍ମଶାସ୍ତ୍ର ଅନୁସାରେ, ଗଣେଶଙ୍କର ତିନି ଥର, ବିଷ୍ଣୁଙ୍କର ଚାରି ଥର, ଦୁର୍ଗା ମାତାଙ୍କର ଥରେ ଏବଂ ଭଗବାନ ଶିବଙ୍କ ଅଧା ପରିକ୍ରମା କରିବା ପରମ୍ପରା ଅଛି । ଏହି ନିୟମ ଭକ୍ତିର ସନ୍ତୁଳନ ଏବଂ ଶକ୍ତି ଅନୁସାରେ ବନାୟ ରଖିବା ଉଚିତ ।

ବାସ୍ତୁ ପିରାମିଡ୍‌ର ମହତ୍ତ୍ୱ

ବାସ୍ତୁ ଶାସ୍ତ୍ରରେ ବାସ୍ତୁ ପିରାମିଡ୍‌କୁ ଏକ ଶକ୍ତିଶାଳୀ ଉପକରଣ ବୋଲି ବିବେଚନା କରାଯାଏ । ଏହା ଘରେ ନକାରାତ୍ମକତାକୁ ଦୂର କରି ସକାରାତ୍ମକ ଶକ୍ତି ବୃଦ୍ଧି କରେ । ତେବେ ବାସ୍ତୁ ଦୋଷ ଦୂର କରିବା ଲାଗି ବାସ୍ତୁ ପିରାମିଡ୍ ହେଉଛି ଏକ ସରଳ ଏବଂ ପ୍ରଭାବୀ ଉପାୟ ।



ବାସ୍ତୁ ପିରାମିଡ୍ ଶକ୍ତିକୁ ସନ୍ତୁଳିତ କରିବା କାମ କରେ । ଏହାର ଆକାର ପିରାମିଡ୍ ଭଳି । ଯାହାକି ଘରେ ସକାରାତ୍ମକ ଶକ୍ତି ସଞ୍ଚାର କରେ । ବାସ୍ତୁ ପିରାମିଡ୍ ରଖିବା ଦ୍ୱାରା ଅବସାଦ, ଚିନ୍ତା, ନିଦ୍ରା ସମସ୍ୟା ଦୂର ହୁଏ । ଘରର ଦକ୍ଷିଣ-ପଶ୍ଚିମ ଦିଗରେ ପିରାମିଡ୍ ରଖିବା ଦ୍ୱାରା ଆୟର ନୂଆ ପଥ ଉନ୍ମୁକ୍ତ ହୁଏ । ଅନାବଶ୍ୟକ ଖର୍ଚ୍ଚ ଦୂର ହୁଏ । ପିଲାଙ୍କ ପଢ଼ା ଟେବୁଲରେ ଛୋଟ ପିରାମିଡ୍ ରଖିବା ଦ୍ୱାରା ସ୍ମରଣଶକ୍ତି ଏବଂ ଏକାଗ୍ରତା ବୃଦ୍ଧି ପାଏ । ବାସ୍ତୁ ଦୋଷ ଦୂର ହେବା ଦ୍ୱାରା ପରିବାର ସଦସ୍ୟଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସେ । ପରିବାରରେ ପ୍ରେମ ଓ ସଦ୍ଭାବ ବଢ଼େ ।

ବାସ୍ତୁ ପିରାମିଡ୍ ରଖିବାର ଦିଗ ମଧ୍ୟ ଖୁବ୍ ଗୁରୁତ୍ୱ ବହନ କରେ । ଘରର ସୁଖ ଶାନ୍ତି, ଆଧ୍ୟାତ୍ମିକ ଉନ୍ନତି ଲାଗି ଉତ୍ତର-ପୂର୍ବ ଦିଗରେ ଏହାକୁ ରଖିବା ଶୁଭ । ମୁଖ୍ୟ ଦ୍ୱାର ବାସ୍ତୁ ଅନୁସାରେ ନ ହୋଇଥିଲେ କବାଟ ପାଖାପାଖି ଛୋଟ ପିରାମିଡ୍ ଲଗାନ୍ତୁ । କାର୍ଯ୍ୟାଳୟରେ ଦକ୍ଷିଣ-ପଶ୍ଚିମ ଦିଗରେ ପିରାମିଡ୍ ରଖିବା ଦ୍ୱାରା ବରିଷ୍ଠଙ୍କ ସହଯୋଗ ମିଳିବା ସହ ପଦୋନ୍ନତି ହୁଏ । ଏହାକୁ ସ୍ଥାପନ କରିବା ବେଳେ ଘରକୁ ଭଲ ଭାବେ ପରିଷ୍କାର କରନ୍ତୁ । ଶୁକ୍ରବାର ସକାଳେ କିମ୍ବା ସନ୍ଧ୍ୟାରେ ଗଙ୍ଗାଜଳରେ ପିରାମିଡ୍‌କୁ ଶୁଦ୍ଧ କରିବା ଉଚିତ । ସପ୍ତାହକୁ ଥରେ ବାସ୍ତୁ ପିରାମିଡ୍‌କୁ ସଫା ପାଣିରେ ପରିଷ୍କାର କରନ୍ତୁ ।

ଉତ୍କଳ ସମାଚାର

ସମ୍ପାଦକୀୟ...

ମଙ୍ଗଳବାର ୧୪ ଏପ୍ରିଲ ୨୦୨୬

ସଫଳ ସଇତାନ

ଡକ୍ଟର ଫିଲିପ୍ସ ତାଙ୍କ ପୋଷ୍ଟରେ ବିଭିନ୍ନ ବୈଜ୍ଞାନିକ ଗବେଷଣାପ୍ରସୂତ ତଥ୍ୟକୁ ଆଧାର କରି ଦର୍ଶାଇଛନ୍ତି ଯେ କୌଣସି ବି ମାତ୍ରାରେ ମଦ୍ୟପାନ ମନୁଷ୍ୟର ସ୍ୱାସ୍ଥ୍ୟ ପାଇଁ ନିରାପଦ ନୁହେଁ, ତାହା ଯେତେ ସାମାନ୍ୟ ହୋଇଥାଉ ନା କାହିଁକି। ସେ ମଧ୍ୟ ମଦ୍ୟପାନର ଭୟଙ୍କର ସାମାଜିକ କୁପରିଣାମମାନ ପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ଭୁଲି ନାହାନ୍ତି। ଗଣମାଧ୍ୟମରେ ପ୍ରକାଶିତ ଏ ସଂପର୍କିତ ଉଦାହରଣମାନଙ୍କୁ ଉଦ୍ଧାର କରି ସେ ଲେଖିଛନ୍ତି, ''ମଦ୍ୟପାନ ମଧ୍ୟ ହେଉଛି ଏକ ସାମାଜିକ ବିଷ। ଏହା ଲୋକଙ୍କୁ ସମାଜ ପ୍ରତି ଏକ ଆତଙ୍କରେ ପରିଣତ ହେବା ପାଇଁ ପ୍ରବୃତ୍ତ କରିଥାଏ, ପ୍ରାଣ ନାଶ ଘଟାଇଥାଏ, ପରିବାରକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥାଏ।'' ସୋସିଆଲ୍ ମିଡିଆରେ ସକ୍ରିୟ ଥିବା କେରଳ ଜନ୍ମିତ ଯକୃତ୍ ବିଶେଷଜ୍ଞ ଡକ୍ଟର ସିରିଆକ୍ ଆବି ଫିଲିପ୍ସ ତାଙ୍କର ସୋସିଆଲ୍ ମିଡିଆ ହାଣ୍ଡଲ ଅନୁସାରେ ତାଙ୍କର ଅଗଣିତ ଅନୁଗାମୀମାନଙ୍କ ନିକଟରେ 'ଦି ଲିଭର ଡକ୍' ରୂପେ ସୁପରିଚିତ। ଏବେ ସେ 'ଏକ୍ସ' (ପୂର୍ବତନ 'ଟ୍ୱିଟର୍')ରେ ପ୍ରସାରିତ କରିଥିବା ଏକ ଦୀର୍ଘ ପୋଷ୍ଟ ସୋସିଆଲ୍ ମିଡିଆ ଦୁନିଆରେ ପ୍ରବଳ ଚାଂଚଲ୍ୟ ସୃଷ୍ଟି କରିବାରେ ଲାଗିଛି। 'ଦି ଲିଭର ଡକ୍'ଙ୍କର ଏହି ପୋଷ୍ଟ ହେଉଛି ସେଇ ସୋସିଆଲ୍ ମିଡିଆରେ ନିକଟରେ ପ୍ରସାରିତ ହୋଇଥିବା କେତେଜଣ ଜଣାଶୁଣା ବ୍ୟବସାୟପତିମାନଙ୍କର ଏକ ଆଲୋଚନା ବହନ କରୁଥିବା ସନ୍ଦେଶ ବିରୁଦ୍ଧରେ ତାଙ୍କର ବିଶେଷ ଜ୍ଞାନ ଓ ଅନୁଭୂତିଭିତ୍ତିକ ପ୍ରତିକ୍ରିୟା। ସେଇ ବ୍ୟବସାୟୀ ଗୋଷ୍ଠୀର ଆଲୋଚନାର ବିଷୟବସ୍ତୁ ଥିଲା- ମଦ୍ୟପାନ। ସେମାନଙ୍କ ଆଲୋଚନାର ସାରମର୍ମ ହେଲା, ସୀମିତ ମାତ୍ରାରେ ମଦ୍ୟପାନ ହେଉଛି ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଶେଷରେ ମଦ୍ୟପାନକାରୀମାନଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଉପଦେଶ ହେଲା- ଦାୟିତ୍ୱପୂର୍ଣ୍ଣ ଭାବରେ ପାନ କର। ଡକ୍ଟର ସିରିଆକ୍ ଫିଲିପ୍ ?ସ ଏହାର ପ୍ରତିକ୍ରିୟାରେ ସିଧାସଳଖ କହିଛନ୍ତି ଯେ ସୀମିତ ମାତ୍ରାରେ ମଦ୍ୟପାନକୁ ସ୍ୱାସ୍ଥ୍ୟପ୍ରଦ ବୋଲି ପ୍ରଚାର କରିବା ହେଉଛି ଏକ ଅପରାଧ; ମାନବଜାତି ପ୍ରତି ଏକ ଅପରାଧ। ଡକ୍ଟର ଫିଲିପ୍ ?ସ ତାଙ୍କର ସୋସିଆଲ୍ ମିଡିଆ ହାଣ୍ଡଲ ସୂଚାଇବା ଭଳି ହେଉଛନ୍ତି ଜଣେ ଅନୁଭୂତିସଂପନ୍ନ ଲିଭର୍ ରୋଗ ବିଶେଷଜ୍ଞ। ସେ ପ୍ରତିଦିନ ଅନେକ ସଂଖ୍ୟକ ମଦ୍ୟପାନଜନିତ ଲିଭର୍ ବ୍ୟାଧିସବୁ ଦ୍ୱାରା ପୀଡ଼ିତ ରୋଗୀମାନଙ୍କର ଚିକିତ୍ସା କରିଥାନ୍ତି। କେରଳରେ ମଦ୍ୟପାନ ଏକ ବ୍ୟାପକ ସାମାଜିକ ବ୍ୟାଧି ହୋଇଥିବାରୁ ଡକ୍ଟର ଫିଲିପ୍ସଙ୍କ ପାଖରେ ସର୍ବଦା ଏଭଳି ରୋଗୀମାନଙ୍କର ଭିଡ଼ ଲାଗିରହିଥାଏ। ସେ ତାଙ୍କର ଏହି ପୋଷ୍ଟରେ ମଦ୍ୟପାନ ଯୋଗୁଁ ଜୀବନ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ରୋଗୀମାନଙ୍କ ସହିତ ତାଙ୍କର ଅନୁଭୂତି ସବୁ ବର୍ଣ୍ଣନା କରିଛନ୍ତି। ଏଥିରେ ସେ ମଧ୍ୟ ମଦ୍ୟପାନର କୁଫଳ ସହିତ ମୁକାବିଲା କରିବାରେ ଧନୀ ଓ ଗରିବ ମଦ୍ୟପ ମଧ୍ୟରେ ପରିଦୃଷ୍ଟ ତଫାତ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି। ଧନୀ ରୋଗୀମାନେ ବ୍ୟୟବହୁଳ ଚିକିତ୍ସା ଓ ଯତ୍ନ ପାଇ ପାରୁଥିବାବେଳେ ଗରିବ ରୋଗୀଟିଏ ଦୁର୍ବିଷହ ଯନ୍ତ୍ରଣାରେ ଆଉଟୁପାଉଟୁ ହେବା ବ୍ୟତୀତ ତା'ର ଅନ୍ୟ ଉପାୟ ନ ଥାଏ। ଡକ୍ଟର ସିରିଆକ୍ ଫିଲିପ୍ସ ନିଜର ମର୍ମବେଦନା ପ୍ରକାଶ କରି ଲେଖିଛନ୍ତି ତାଙ୍କୁ କିପରି ସୋମବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟ ଦିବସରେ ମଦ୍ୟପାନଜନିତ ତୀବ୍ର (ଆକ୍ୟୁଟ୍) ଯକୃତ ବ୍ୟାଧି, ଦୀର୍ଘସ୍ଥାୟୀ (କ୍ରୋନିକ୍) ଯକୃତ ବ୍ୟାଧି ଏବଂ ଦୀର୍ଘସ୍ଥାୟୀ ସହିତ ତୀବ୍ର (ଆକ୍ୟୁଟ୍-ଅନ୍-କ୍ରୋନିକ୍) ଲିଭର୍ ବ୍ୟାଧି ଦ୍ୱାରା ପୀଡ଼ିତ ରୋଗୀମାନଙ୍କର ଅସରନ୍ତି ଧାଡ଼ିର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହାକୁ ସେ ଏକ ଅବିରାମ ସଂଗ୍ରାମ ରୂପେ ଅଭିହିତ କରିଛନ୍ତି। ମଦ୍ୟପାନଜନିତ ସ୍ୱାସ୍ଥ୍ୟ ସଂକଟ କିପରି ସଂପୃକ୍ତ ପରିବାର ପାଇଁ ଏକ ଅସହ୍ୟ ଆର୍ଥିକ ତଥା ଆବେଗିକ ବୋଝ ସୃଷ୍ଟି କରିଥାଏ, 'ଦି ଲିଭର ଡକ୍' ତାଙ୍କର ପୋଷ୍ଟରେ ତାହାର ମର୍ମସ୍ପର୍ଶୀ ବର୍ଣ୍ଣନା କରିଛନ୍ତି। ସେ ସେଥିରେ ଲେଖିଛନ୍ତି ରୋଗୀ ଜଣକ ଶେଷରେ ଯାଇ ପହିଂଛନ୍ତି ଭେଣ୍ଟିଲେଟରରେ ଯେଉଁଠୁ ଆଉ ଜୀବନ୍ତ ଫେରିବାର ସମ୍ଭାବନା ନ ଥାଏ ଓ ସେତେବେଳକୁ ତାଙ୍କ ପରିବାର ଆର୍ଥିକ ଦୃଷ୍ଟିରୁ ସର୍ବସ୍ୱାନ୍ତ ହୋଇସାରିଥାଏ। ତୀବ୍ର ମର୍ମବେଦନା ସହକାରେ ଡକ୍ଟର ଫିଲିପ୍ସ ଏ କଥା ମନେ ପକାଇ ଦେଇଛନ୍ତି ଯେ ଏମିତିରେ ମଦ୍ୟପାନ ଅଭ୍ୟାସ ଯୋଗୁଁ ପୂର୍ବରୁ ସେ ପରିବାରର ଆର୍ଥିକ ସ୍ଥିତି ସାଧାରଣତଃ ଭୁଶୁଡ଼ି ପଡ଼ିଥାଏ। ଉପରୋକ୍ତ ବ୍ୟବସାୟୀ ଗୋଷ୍ଠୀର ଯେଉଁ ଶଠତାପୂର୍ଣ୍ଣ ଉପଦେଶକୁ ଡକ୍ଟର ଫିଲିପ୍ସ ତୀବ୍ର ଭର୍ତ୍ସନା କରିଛନ୍ତି ତାହା ହେଲା : ''ଦାୟିତ୍ୱପୂର୍ଣ୍ଣ ଭାବରେ ପାନ କର''। ସେ ସମସ୍ତଙ୍କୁ ଚେତାଇ ଦେଇଛନ୍ତି ଯେ ଏଭଳି ଉପଦେଶ ହେଉଛି ଦାୟିତ୍ୱ ଏଡ଼ାଇଯିବା ପାଇଁ ମଦ ଶିଳ୍ପ ବ୍ୟବହାର କରୁଥିବା ଏକ ଚତୁର କୌଶଳ। ସେ ଯୁକ୍ତି କରିଛନ୍ତି ଯେ ଯେଉଁମାନେ ମଦ୍ୟପାନ ଆରମ୍ଭ କରନ୍ତି ସେମାନେ ଅବିଳମ୍ବେ ନିଜର ପିଇବା ଉପରେ ନିୟନ୍ତ୍ରଣ ହରାଇ ବସନ୍ତି ଏବଂ ଦେଖୁଦେଖୁ ମଦ ଉପରେ ନିର୍ଭରଶୀଳ ହୋଇପଡ଼ନ୍ତି ଓ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହୋଇପଡ଼ନ୍ତି। ତାଙ୍କ ଭାଷାରେ, ''ପ୍ରଥମ ଡ୍ରିଙ୍କ୍ ?ଟି ତୁମର ମସ୍ତିଷ୍କକୁ ଦଖଲ କରେ। ଏହା ମସ୍ତିଷ୍କର ଧାରଣ କ୍ଷମତାକୁ ସଂକୁଚିତ କରେ, ତୁମକୁ ଏକ ଡୋପାମିନ୍ କିକ୍ ଦିଏ, ତୁମକୁ ଉଲ୍ଲସିତ କରେ। ଏବଂ ପରବର୍ତ୍ତୀ ସମୟରେ ତୁମେ ମଦର ଦାସରେ ପରିଣତ ହୋଇଯାଅ।'' ଡକ୍ଟର ଫିଲିପ୍ସଙ୍କର ଏହି ଚେତାବନୀ ପୃଥିବୀର ଅଗ୍ରଗଣ୍ୟ ମଦ୍ୟପାନ-ନିବୃତକାରୀ ସଂଗଠନ 'ଆଲ୍‌କହଲିକ୍ସ ଆନୋନିମସ୍'ର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ସ୍ୱନାମଧନ୍ୟ ଚିକିତ୍ସକ ଡକ୍ଟର ୱିଲିଅମ୍ ଡି ସିଲ୍‌କ୍ୱର୍ଥଙ୍କର ଏ ସଂପର୍କିତ ଏକ ଉକ୍ତିର ପ୍ରତିଧ୍ୱନି ପରି ଶୁଭିଥାଏ। ଉକ୍ତ ସଂଗଠନର ବହୁଳ ପ୍ରସାରିତ ସହାୟିକା ପୁସ୍ତକ 'ଦି ବିଗ୍ ବୁକ୍' (ପ୍ରଥମ ପ୍ରକାଶ- ୧୯୩୯)ରେ ସ୍ଥାନୀତ ଡକ୍ଟର ସିଲ୍ ?କ୍ୱର୍ଥଙ୍କର ଏହି ଉକ୍ତିର କିୟଦଂଶ ହେଉଛି ନିମ୍ନରେ ଉପସ୍ଥାପନ କରାଯାଇଥିବା ଭଳି। ସେ କହିଥିଲେ ଯେ ମଦ ଉତ୍ପନ୍ନ କରୁଥିବା ପ୍ରଭାବ ପାଇଁ ହିଁ ମୂଳତଃ ପୁରୁଷ ଓ ନାରୀମାନେ ମଦ୍ୟପାନ କରିଥାନ୍ତି। ଏହି ପ୍ରଭାବର ଅନୁଭବ ଏପରି ଖସଡ଼ା ହୋଇଥାଏ ଯେ ଏହା କ୍ଷତିକାରକ ବୋଲି ସେମାନେ ସ୍ୱୀକାର କରୁଥିଲେ ହେଁ କିଛି କାଳ ପରେ ସେମାନେ ଆଉ ସତ୍ୟ ଓ ମିଥ୍ୟା ମଧ୍ୟରେ ଥିବା ଫରକ ବାରିପାରନ୍ତି ନାହିଁ। ଏହାପରେ ସେମାନଙ୍କର ମଦ୍ୟାସକ୍ତ ଜୀବନ ସେମାନଙ୍କୁ ଏକମାତ୍ର ସାଧାରଣ ବା ନର୍ମାଲ୍ ଜୀବନ ଭଳି ପ୍ରତୀୟମାନ ହୋଇଥାଏ। ଡକ୍ଟର ଫିଲିପ୍ ?ସ ତାଙ୍କ ପୋଷ୍ଟରେ ବିଭିନ୍ନ ବେ ?ଜ୍ଞାନିକ ଗବେଷଣାପ୍ରସୂତ ତଥ୍ୟକୁ ଆଧାର କରି ଦର୍ଶାଇଛନ୍ତି ଯେ କେ ?ଣସି ବି ମାତ୍ରାରେ

ବିଷମ ସମତା

ମହାନ ସମାଜଶାସ୍ତ୍ରୀ ମାକ୍ସ ୱେବର୍ କହିଥିବା ଭଳି, ଏକ ସଂଗଠନରେ କାର୍ଯ୍ୟଦକ୍ଷତାରେ ବୃଦ୍ଧି ପାଇଁ କର୍ତ୍ତୃତ୍ୱକୁ ଯଦି କେନ୍ଦ୍ରୀଭୂତ କରାଯାଇଥାଏ, ତେବେ ସେଠାରେ ଉନ୍ନରଦାୟିତ୍ୱର ବିକେନ୍ଦ୍ରୀକରଣ କରାଯାଇ ପାରିବ ନାହିଁ। ଅର୍ଥାତ୍ ସଂପୃକ୍ତ ବ୍ୟାଙ୍କର ନିରାପନ୍ନାରକ୍ଷୀଙ୍କ ଠାରୁ ସେଇ ବରିଷ୍ଠ ମ୍ୟାନେଜର ଜଣକ ଯଦି ଅଧିକ କର୍ନ୍ତୃତ୍ୱ ଉପଭୋଗ କରୁଥିଲେ, ସେଥି ସହିତ ତାଙ୍କୁ ମଧ୍ୟ ସେଇ ନିରାପନ୍ନାରକ୍ଷୀଙ୍କ ଠାରୁ ଅଧିକ ଉତରଦାୟିତ୍ୱ ବହନ କରିବାକୁ ପଡ଼ିଥାଏ, ଯେଉଁଥିପାଇଁ ତାଙ୍କୁ ଏକ ଅଧିକ କଠୋର ଦଣ୍ଡ ପ୍ରଦାନ ଦ୍ୱାରା ଉଭୟଙ୍କ ମଧ୍ୟରେ ନ୍ୟାୟିକ ସମାନତା ରକ୍ଷା କରାଯାଇଥାଏ। ଲୋକପ୍ରିୟ କମିକ୍ସ କାହାଣୀ ଆଧାରିତ ସୁପରହିଟ୍ ଫିଲ୍ମ 'ସ୍ପାଇଡର୍ ମ୍ୟାନ୍'ର ଏକ ଅବିସ୍ମରଣୀୟ ଦୃଶ୍ୟରେ ଅଙ୍କଲ ବେନ୍ 'ସ୍ପାଇଡର୍ ମ୍ୟାନ୍' ରୂପରେ ବିଶେଷ ଶକ୍ତିର ଅଧିକାରୀ ହୋଇଥିବା ଯୁବକ ପିଟର୍ ପାର୍କରକୁ ଉପଦେଶ ଦେଇ କହିଛନ୍ତି: ''ଅସୀମ କ୍ଷମତାର ଅଧିକାରୀ ହେବା ସହିତ ଅସୀମ ଦାୟିତ୍ୱ ମଧ୍ୟ ବହନ କରିବାକୁ ପଡ଼ିଥାଏ।'' ଅଙ୍କଲ ବେନ୍‌ଙ୍କର ସେଇ ସୁପରିଚିତ ଉପଦେଶ ପିଲାଙ୍କର କମିକ୍ସ କାହାଣୀର ପରିସୀମା ଅତିକ୍ରମ କରି ବାସ୍ତବ ଜୀବନରେ ପରିପକ୍ୱ ବୟସ୍କମାନଙ୍କର ଜଟିଳ ଦୁନିଆରେ ଯେ ଏକ ଦୃଢ଼ ନୈତିକ ଦିଗ୍‌ଦର୍ଶକ ରୂପେ କାର୍ଯ୍ୟ କରିଥାଏ, ତାହାର ଏକ ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ଏପ୍ରିଲ ୨ ତାରିଖ ଦିନ ଭାରତର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍ କୋର୍ଟ ପ୍ରଦାନ କରିଥିବା ଏକ ରାୟରେ। ସଂପୃକ୍ତ ମାମଲାରେ ଜଣେ ବରିଷ୍ଠ ବ୍ୟାଙ୍କ୍ ମ୍ୟାନେଜର ତାଙ୍କର ଜଣେ ଅଧସ୍ତନ କର୍ମଚାରୀ ଓ ଜଣେ ବନ୍ଧୁକଧାରୀ ନିରାପନ୍ନାରକ୍ଷୀଙ୍କ ସହିତ ମିଶି ଚକ୍ରାନ୍ତ କରି ଗ୍ରାହକମାନଙ୍କର ଅର୍ଥ ହଡ଼ପ କରିବା ସହିତ ସେ ସଂପର୍କିତ ରେକର୍ଡ ପତ୍ର ଚୋରି କରି ନେଇଥିଲେ। ଏଥିପାଇଁ ବ୍ୟାଙ୍କ୍ ସେ ଦୁଇ ଜଣ ତଳିଆ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରିଥିବା ବେଳେ ବରିଷ୍ଠ ମ୍ୟାନେଜର ଜଣଙ୍କୁ ଅଧିକ କଠୋର ଦଣ୍ଡ ସ୍ୱରୂପ ଚାକିରିରୁ ବହିଷ୍କାର କରିଦେଇଥିଲା। ପରେ ଦିଲ୍ଲୀ ହାଇକୋର୍ଟ କିନ୍ତୁ ତିନି ଅପରାଧୀଙ୍କୁ ଦିଆଯାଇଥିବା ଦଣ୍ଡରେ ସମାନତା ରକ୍ଷା କରିବା ଉଦ୍ଦେଶ୍ୟରେ ମ୍ୟାନେଜରଙ୍କ ଦଣ୍ଡକୁ କୋହଳ କରି ତାଙ୍କୁ ମଧ୍ୟ ବହିଷ୍କାର ବଦଳରେ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମ୍ କୋର୍ଟ ଏବେ ହାଇକୋର୍ଟଙ୍କର ସେଇ ନିର୍ଦ୍ଦେଶକୁ ସଂପୂର୍ଣ୍ଣ ଅଯୌକ୍ତିକ ଓ ଅନ୍ୟାୟ ବୋଲି ଅଭିହିତ କରି ତାହାକୁ ବାତିଲ କରିଦେବା ସହିତ ସଂପୃକ୍ତ ବରିଷ୍ଠ ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଥିବା ପୂର୍ବର ବହିଷ୍କାର ଦଣ୍ଡକୁ କାଏମ ରଖିଛନ୍ତି। ଏଇ ଅବସରରେ ଅଙ୍କଲ ବେନ୍‌ଙ୍କୁ ଅନୁକରଣ କଲାଭଳି ମାନ୍ୟବର ସର୍ବୋଚ୍ଚ ଅଦାଲତ ମନ୍ତବ୍ୟ ପ୍ରଦାନ କରିଛନ୍ତି: ''କର୍ତ୍ତୃତ୍ୱ ଉତରଦାୟିତ୍ୱ ବହନ କରିଥାଏ।'' ଏହାର ସଂପ୍ରସାରିତ ଅର୍ଥ ହେଲା- ଏକ ସଂଗଠନରେ ଜଣେ ଅଧିକାରୀ ଉଚ୍ଚତର ପାହାଚ ଆରୋହଣ କରିବା ସହିତ ସେ ଉପଭୋଗ କରୁଥିବା କର୍ନ୍ତୃତ୍ୱରେ ଯେଉଁଭଳି ବୃଦ୍ଧି ଘଟିଥାଏ, ସେଇଭଳି ତା' ସହିତ ତାଳ ଦେଇ ତାଙ୍କର ଉତରଦାୟିତ୍ୱରେ ମଧ୍ୟ ଅନୁରୂପ ଭାବରେ ବୃଦ୍ଧି ଘଟିଥାଏ। ଦିଲ୍ଲୀ ହାଇକୋର୍ଟ କିନ୍ତୁ ଉପରୋକ୍ତ ଅପରାଧରେ ଜଡ଼ିତ ଥିବା ବ୍ୟାଙ୍କର ବିଭିନ୍ନ ସ୍ତରର କର୍ମଚାରୀମାନଙ୍କର ଉନ୍ନରଦାୟିତ୍ୱ ସମାନ ବୋଲି ବିଚାର କରି ସେମାନଙ୍କୁ ସମାନ ଦଣ୍ଡ ପ୍ରଦାନ କରାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମ୍ କୋର୍ଟ ଏହାକୁ ଦିଲ୍ଲୀ ହାଇକୋର୍ଟ ଦ୍ୱାରା ସମାନତା ନିୟମର ଏକ ଯାନ୍ତ୍ରିକ ପ୍ରୟୋଗ ରୂପେ ଅଭିହିତ କରି ଜଣେ ବରିଷ୍ଠ ମ୍ୟାନେଜରଙ୍କୁ ଜଣେ ବନ୍ଧୁକଧାରୀ ନିରାପତାରକ୍ଷୀଙ୍କ ସହିତ ସମାନ ବୋଲି ବିଚାର କରାଯିବାକୁ ''ଯୁକ୍ତି ଓ ବିବେକର ଆପନ୍ତିଜନକ ଉଲ୍ଲଂଘନ'' ବୋଲି ମନ୍ତବ୍ୟ ପ୍ରଦାନ କରିଛନ୍ତି। ବାସ୍ତବରେ ଏହା ଜଳଜଳ ହୋଇ ଦିଶିଥାଏ ଯେ ଏକ ବ୍ୟାଙ୍କ୍ ଭଳି ଅନୁଷ୍ଠାନରେ ଜଣେ ମ୍ୟାନେଜରଙ୍କର ଭୂମିକା ଓ ଦାୟିତ୍ୱ ଏବଂ ଜଣେ ନିରାପତାରକ୍ଷୀଙ୍କର ଭୂମିକା ଓ ଦାୟିତ୍ୱ ମଧ୍ୟରେ ଆକାଶପାତାଳ ପ୍ରଭେଦ ଥାଏ, ଯାହା ପରସ୍ପର ବଦଳକ୍ଷମ ନୁହେଁ। ବ୍ୟାଙ୍କ୍ ବ୍ୟବସାୟର ମୂଳ ଭିତି ବା ମୌଳିକ ଦର୍ଶନ ହେଉଛି ବିଶ୍ୱାସ- ଗ୍ରାହକ ଓ ବ୍ୟାଙ୍କ୍ ମଧ୍ୟରେ ଗଭୀର ବିଶ୍ୱାସ। ଜଣେ ମ୍ୟାନେଜରଙ୍କ ଦାୟିତ୍ୱ ହେଉଛି ବ୍ୟାଙ୍କର କାର୍ଯ୍ୟକଳାପର ଏପରି ପରିଚାଳନା ଓ ଅଧୀକ୍ଷଣ କରିବା ଯେପରି ଗ୍ରାହକ ଓ ବ୍ୟାଙ୍କ୍ ମଧ୍ୟରେ ସେଇ ବିଶ୍ୱାସର ବାତାବରଣ ଅତୁଟ ରହିଚାଲେ। ଯେତେବେଳେ ମ୍ୟାନେଜର ଭଳି ବ୍ୟାଙ୍କର ଜଣେ ଉଚ୍ଚସ୍ତରୀୟ ଅଧିକାରୀ ଏପରି କୌଣସି ଅସାଧୁ କାର୍ଯ୍ୟରେ ଜଡ଼ିତ ଥିବା ପ୍ରଘଟ ହୁଏ, ସେତେବେଳେ ଗ୍ରାହକ ତଥା ସମ୍ଭାବ୍ୟ ଗ୍ରାହକମାନେ ସ୍ୱାଭାବିକ ଭାବରେ ସଂପୃକ୍ତ ବ୍ୟାଙ୍କକୁ ସନ୍ଦେହ ଚକ୍ଷୁରେ ଦେଖିଥାନ୍ତି। ଏହାଦ୍ୱାରା ସେ ବ୍ୟାଙ୍କ୍‌ର ବ୍ୟବସାୟର ମୂଳ ଭିନ୍ନି ଦୋହଲି ଯାଇଥାଏ। ତେଣୁ ସେଇ ଅପରାଧୀ ମ୍ୟାନେଜରଙ୍କୁ ଏକ ଅଧିକ କଠୋର ବିବେଚିତ ଦଣ୍ଡ ପ୍ରଦାନ କେବଳ ମାତ୍ର ଏକ ନ୍ୟାୟିକ ଆବଶ୍ୟକତା ନୁହେଁ, ଏହା ମଧ୍ୟ ହେଉଛି ପେସାଦାର ବିଶ୍ୱସନୀୟତାର ସୁରକ୍ଷା ନିମିତ ଆବଶ୍ୟକ ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ। ମାନ୍ୟବର ସୁପ୍ରିମ୍ କୋର୍ଟ ଏଇ ରାୟ ପ୍ରଦାନ କରିବା ଅବସରରେ କେ ?ଣସି ସଂଗଠନ ଗ୍ରହଣ କରିଥିବା ଏଭଳି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ନ୍ୟାୟିକ ସମୀକ୍ଷାର ସୀମିତ ପ୍ରାସଙ୍ଗିକତା ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଦାଲତ କହିଛନ୍ତି ଯେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଅଂଶସ୍ୱରୂପ ପ୍ରଦାନ କରାଯାଇଥିବା ଦଣ୍ଡର ଔଚିତ୍ୟର ପୁନଃସମୀକ୍ଷା କରିବା ନିମିନ୍ତ ଅପିଲ୍ ଶୁଣାଣି କରିବା ଅଦାଲତମାନଙ୍କର କାର୍ଯ୍ୟ ନୁହେଁ। କେବଳ ଯେଉଁଠି ଦଣ୍ଡଦାନ ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ହୋଇଥାଏ କିମ୍ବା ଦଣ୍ଡ ଅତ୍ୟନ୍ତ ମାତ୍ରାଧିକ ହୋଇଥିବା ପରି ମନେହୁଏ, ସେତେବେଳେ ଅଦାଲତଙ୍କର ହସ୍ତକ୍ଷେପ ଯଥାର୍ଥ ତଥା ଆବଶ୍ୟକ ହୋଇଥାଏ। କର୍ମସ୍ଥଳୀରେ କର୍ମଚାରୀଙ୍କର କେ ?ଣସି ଅନିୟମିତ ଆଚରଣର ବାସ୍ତବ ଆକଳନ କରିପାରିଥାଏ କେବଳ ସଂପୃକ୍ତ ଅନୁଷ୍ଠାନ। ଅଦାଲତମାନେ ତେଣୁ ଏଥିରେ ଅଧିକ ହସ୍ତକ୍ଷେପ ନ କରି ସଂଯମ ପ୍ରଦର୍ଶନ କରିବା ପାଇଁ ସର୍ବୋଚ୍ଚ ଅଦାଲତ ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା ସଂପୃକ୍ତ ସଂଗଠନମାନଙ୍କର ସ୍ୱାୟତ୍ତତା ଅକ୍ଷୁଣ୍ଣ ରହିବ ବୋଲି ଅଦାଲତ ସଚେତନ କରିଦେଇଛନ୍ତି।ସୁପ୍ରିମ୍ କୋର୍ଟ ତାଙ୍କ ରାୟରେ ନ୍ୟାୟ ପ୍ରଦାନ ଦ୍ୱାରା ସମାନତା ପ୍ରତିଷ୍ଠା କରିବା ଉଦ୍ୟମରେ ଆନୁପାତିକତା ରକ୍ଷା ନିୟମର ଅନୁସରଣ ମଧ୍ୟ ଏକାନ୍ତ ଆବଶ୍ୟକ ବୋଲି ସ୍ପଷ୍ଟ କରିଦେଇଛନ୍ତି। ସମାନ ସ୍ଥିତିରେ ଥିବା ଅପରାଧୀମାନଙ୍କୁ ସମାନ ଦଣ୍ଡ ପ୍ରଦାନ ଦ୍ୱାରା ନ୍ୟାୟୋଚିତ ଭାବରେ ସମାନତା ରକ୍ଷା କରାଯାଇଥାଏ ?; କିନ୍ତୁ ବିଷମ ସ୍ଥିତିରେ ଥିବା ଅପରାଧୀମାନଙ୍କୁ ସମାନ ଦଣ୍ଡ ପ୍ରଦାନ ଦ୍ୱାରା ସମାନତା ନିୟମର ଉଲ୍ଲଂଘନ ଘଟିଥାଏ। ଏକ ସଂଗଠନରେ କର୍ମଚାରୀମାନଙ୍କୁ ପ୍ରଦାନ କରାଯାଇଥିବା କ୍ଷମତା ବା କର୍ତ୍ତୃତ୍ୱର ବଂଟନ ବିଷମ ହୋଇଥିବା ବେଳେ ସେମାନଙ୍କୁ ପ୍ରଦାନ କରାଯାଉଥିବା ଦଣ୍ଡର ବ[ନ ସମାନ ହେବା ଦ୍ୱାରା ନ୍ୟାୟଶାସ୍ତ୍ର ଅନୁସାରେ ସମାନତା ନିୟମର ଉଲ୍ଲଂଘନ ଘଟିଥାଏ। ମହାନ ସମାଜଶାସ୍ତ୍ରୀ ମାକ୍ସ ୱେବର୍ କହିଥିବା ଭଳି, ଏକ ସଂଗଠନରେ କାର୍ଯ୍ୟଦକ୍ଷତାରେ ବୃଦ୍ଧି ପାଇଁ କର୍ତ୍ତୃତ୍ୱକୁ ଯଦି କେନ୍ଦ୍ରୀଭୂତ କରାଯାଇଥାଏ, ତେବେ ସେଠାରେ ଉନ୍ନରଦାୟିତ୍ୱର ବିକେନ୍ଦ୍ରୀକରଣ କରାଯାଇ ପାରିବ ନାହିଁ। ଅର୍ଥାତ୍ ସଂପୃକ୍ତ ବ୍ୟାଙ୍କ୍‌ର ନିରାପତାରକ୍ଷୀଙ୍କ ଠାରୁ ସେଇ ବରିଷ୍ଠ ମ୍ୟାନେଜର ଜଣକ ଯଦି ଅଧିକ କର୍ନ୍ତୃତ୍ୱ ଉପଭୋଗ କରୁଥିଲେ, ସେଥି ସହିତ ତାଙ୍କୁ ମଧ୍ୟ ସେଇ ନିରାପନ୍ନାରକ୍ଷୀଙ୍କ ଠାରୁ ଅଧିକ ଉତରଦାୟିତ୍ୱ ବହନ କରିବାକୁ ପଡ଼ିଥାଏ, ଯେଉଁଥିପାଇଁ ତାଙ୍କୁ ଏକ ଅଧିକ କଠୋର ଦଣ୍ଡ ପ୍ରଦାନ ଦ୍ୱାରା ଉଭୟଙ୍କ ମଧ୍ୟରେ ନ୍ୟାୟିକ ସମାନତା ରକ୍ଷା କରାଯାଇଥାଏ। ଏଠାରେ ବିଷମତା ଦ୍ୱାରା ସମାନତା ହାସଲ ହୋଇଥାଏ। ଯଦି ଏହା ବଦଳରେ ଦିଲ୍ଲୀ ହାଇକୋର୍ଟଙ୍କ ଭଳି ଦଣ୍ଡଦାନରେ କେବଳ ଗାଣିତିକ ସମାନତା ରକ୍ଷା କରାଯାଏ, ତେବେ ତାହା ଉଚ୍ଚସ୍ତରୀୟ ଅଧିକାରୀମାନଙ୍କର ଅପରାଧ ପାଇଁ ତଳ ସ୍ତରରେ ଥିବା କର୍ମଚାରୀମାନଙ୍କୁ ଦଣ୍ଡିତ କରି ସେମାନଙ୍କୁ ବସ୍ତୁତଃ ବଳିର ଛେଳିରେ ପରିଣତ କରିବ। ମାନ୍ୟବର ସୁପ୍ରିମ୍ କୋର୍ଟ ଏହା ଘଟିବାକୁ ଦେଇନାହାନ୍ତି।

ବିଜୁଳି ଭିତିଭୂମି ବ୍ୟାପକ ହେବାର ବେଳ

ଆମ ଦେଶରେ ୮୦୦ଟି ଜିଲ୍ଲା ମଧ୍ୟରୁ ୧୩ଟି ଜିଲ୍ଲାର ଉତ୍ପାଦନ ସମଗ୍ର ଦେଶର ଉତ୍ପାଦନର ପଚାଶ ପ୍ରତିଶତ। ଦିଲ୍ଲୀ, ମହାରାଷ୍ଟ୍ରର ମୁମ୍ବାଇ, ପୁଣେ, ନାଶିକ, ନାଗପୁର ଓ ଠାଣେ, ତାମିଲନାଡୁର ଚେନ୍ନାଇ, କର୍ଣ୍ଣାଟକର ବେଙ୍ଗାଲୁରୁ, ପଶ୍ଚିମବଙ୍ଗର କୋଲକାତା, ଗୁଜରାଟର ଅହମଦାବାଦ ଓ ସୁରଟ, ରାଜସ୍ଥାନର ଜୟପୁର ଓ ତେଲେଙ୍ଗାନାର ହାଇଦ୍ରାବାଦକୁ ନେଇ ଏହି ୧୩ଟି ଜିଲ୍ଲାର କ୍ଷେତ୍ରଫଳ ଦେଶର ସମୁଦାୟ କ୍ଷେତ୍ରଫଳର ମାତ୍ର ୨.୫ ପ୍ରତିଶତ। ଏହି ୧୩ ଜିଲ୍ଲାର ଜନସଂଖ୍ୟା ସମଗ୍ର ଦେଶର ଜନସଂଖ୍ୟାର ମାତ୍ର ୮ ପ୍ରତିଶତ। ଅର୍ଥାତ୍ ଦେଶର ମାତ୍ର ୨.୫% ଅଂଚଳରେ ମାତ୍ର ୮% ଲୋକଙ୍କ ଦ୍ୱାରା ଦେଶର ୫୦% ରାଷ୍ଟ୍ରୀୟ ଆୟ ହାସଲ ହେଉଛି। କୋଲକାତାକୁ ବାଦ ଦେଲେ ଭାରତ ମାନଚିତ୍ରରେ ପଶ୍ଚିମ ଓ ଦକ୍ଷିଣ ଦିଗ ହିଁ ଆମ ଦେଶର ଆର୍ଥିକ ମେରୁଦଣ୍ଡ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ୧୩ଟି ଜିଲ୍ଲାରେ ଉଦ୍ୟୋଗର ପରିସର ବ୍ୟାପକ ହେଉଥିଲା ବେଳେ ଦେଶର ଅନ୍ୟ ଜିଲ୍ଲାଗୁଡ଼ିକରେ ଉଦ୍ୟୋଗର ପରିସର ସୀମିତ। ମହାରାଷ୍ଟ୍ର କିମ୍ବା ଗୁଜରାଟରେ ପ୍ରାୟ ସବୁ ପ୍ରକାରର ଉଦ୍ୟୋଗ ଭରପୂର ଥିଲା ବେଳେ ଆମ ରାଜ୍ୟ ଷ୍ଟିଲ, ଆଲୁମିନିଅମ କିମ୍ବା ଫେରୋ ଆଲୟ ଉଦ୍ୟୋଗରେ ସୀମିତ। ପ୍ରଶ୍ନ ଉଠେ, ଉପରୋକ୍ତ ୧୩ଟି ଜିଲ୍ଲା ତୁଳନାତ୍ମକ ଭାବେ ଏତେ ସଶକ୍ତ କାହିଁକି ଏବଂ ଆମ ରାଜ୍ୟରେ ସମସ୍ତ ସମ୍ପଦ ଭରପୂର ଥିଲା ବେଳେ ଆମେ ଔଦ୍ୟୋଗିକ ବିକାଶର ମୁଖ୍ୟସ୍ରୋତରୁ ବାଦ ପଡ଼ିଛୁ କାହିଁକି ? କୌଣସି ଅଂଚଳରେ ଉଦ୍ୟୋଗର ବିକାଶ ପାଇଁ ସେହି ଅଂଚଳରେ ଥିବା କଚାଂମାଲ, ଗମନାଗମନ, ଇନ୍ଧନ ଯୋଗାଣ, ଶ୍ରମିକ ଉପଲବ୍‌ଧତା ସହ ବାଣିଜ୍ୟିକ ଭାବେ ଏହା ଲାଭଦାୟକ ହେବ କି ନାହିଁ ତାହାକୁ ବିଚାରକୁ ନିଆଯାଏ। ଅନ୍ୟ ଯେଉଁ ଉପାଦାନଟି ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମୁଖ୍ୟ ଭୂମିକା ବହନ କରେ ତାହା ହେଉଛି ନିରନ୍ତର ଇନ୍ଧନ ଯୋଗାଣ, ଯାହାକୁ ବିଦ୍ୟୁତ୍ ଭିତିଭୂମି ବା ଏନର୍ଜି ଇନ୍‌ଫ୍ରାଷ୍ଟ୍ରକ୍‌ଚର ବୋଲି କୁହାଯାଏ। ଯେଉଁ ରାଜ୍ୟର ଇନ୍ଧନ ଯୋଗାଣ ଯେତେ ସହଜ ଓ କମ୍ ଖର୍ଚ୍ଚସାପେକ୍ଷ ସେହି ରାଜ୍ୟ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସେତେ ଉପଯୁକ୍ତ। ଭିନ୍ନ ଉଦ୍ୟୋଗରେ ଭିନ୍ନ ପ୍ରଯୁକ୍ତି ବ୍ୟବହାର ହୁଏ ଏବଂ ଭିନ୍ନ ଇନ୍ଧନ ଆବଶ୍ୟକ ହୁଏ। ଯେମିତିକି, ଆଲୁମିନିଅମ ଓ ଷ୍ଟିଲ କମ୍ପାନିମାନେ ତାପଜ ବିଦ୍ୟୁତ୍ ବ୍ୟବହାର କରନ୍ତି କିନ୍ତୁ କେମିକାଲ୍ସ ଓ ସେରାମିକ୍ସ କମ୍ପାନି ପ୍ରାକୃତିକ ଗ୍ୟାସ୍ କିମ୍ବା ଆଣବିକ ଶକ୍ତି ବ୍ୟବହାର କରନ୍ତି। ଆମ ରାଜ୍ୟର ବିଦ୍ୟୁତ୍ ଯୋଗାଣ ମୁଖ୍ୟତଃ କୋଇଲା ଉପରେ ନିର୍ଭର କରେ। ୮୦ ପ୍ରତିଶତ ବିଦ୍ୟୁତ୍ କୋଇଲାରୁ ଆସିଥାଏ। ସେଥିପାଇଁ ଆମ ରାଜ୍ୟ ଆଲୁମିନିଅମ, ଫେରୋଆଲୟ ଓ ଷ୍ଟିଲ କମ୍ପାନି ମାନଙ୍କର ପେଣ୍ଠସ୍ଥଳୀ। କିନ୍ତୁ ଏଠାରେ ଗୋଟିଏ ବି ବଡ଼ କେମିକାଲ୍ସ, ସେରାମିକ୍ସ କିମ୍ବା ଔଷଧ ଉଦ୍ୟୋଗ ନାହିଁ। କାରଣ ଏହି ଉଦ୍ୟୋଗ ପାଇଁ ଉପଯୁକ୍ତ ଇନ୍ଧନ ପ୍ରାକୃତିକ ଗ୍ୟାସ୍ ବା ପି.ଏନ.ଜି. ଯୋଗାଣ ଓଡ଼ିଶାରେ ଉପଲବ୍‌ଧ ନାହିଁ। ଭାରତର ଅଧିକାଂଶ କେମିକାଲ୍ସ, ଇଞ୍ଜିନିଅରିଙ୍ଗ ଓ ସେରାମିକ୍ସ ଭଳି ଉଦ୍ୟୋଗ ମୁଖ୍ୟତଃ ମହାରାଷ୍ଟ୍ର କିମ୍ବା ଗୁଜରାଟରେ ଅବସ୍ଥିତ। ଯଦିଓ ମହାରାଷ୍ଟ୍ର ମଧ୍ୟ ତାପଜ ବିଦ୍ୟୁତ୍ ଦ୍ୱାରା ପରିଚାଳିତ, ପର୍ଯ୍ୟାୟକ୍ରମେ ରାଜ୍ୟରେ ପ୍ରାକୃତିକ ଗ୍ୟାସ୍ ଓ ଆଣବିକ ଶକ୍ତିର ସୁବିଧା ଉପଲବ୍‌ଧ କରାଯାଇ ବିଦ୍ୟୁତ୍ ଭିତିଭୂମିକୁ ବ୍ୟାପକ କରାଯାଇଛି। ଗୁଜରାଟରେ ତାପଜ ବିଦ୍ୟୁତ୍ ସହ ପ୍ରାକୃତିକ ଗ୍ୟାସ୍, ଆଣବିକ ଶକ୍ତି ଓ ନବୀକରଣଯୋଗ୍ୟ ଶକ୍ତି ଉତ୍ସକୁ ପ୍ରାଧାନ୍ୟ ଦିଆଯାଇଛି। ତାମିଲନାଡୁ ଭଳି ରାଜ୍ୟ ନିଜର ଆଣବିକ ଶକ୍ତି ପାଇଁ ସମଗ୍ର ବିଶ୍ୱରୁ ଅଟୋମୋବାଇଲ ନିବେଶକୁ ଆକୃଷ୍ଟ କରିପାରିଛି। ସେହିପରି ରାଜସ୍ଥାନ ଓ କର୍ଣ୍ଣାଟକ ମଧ୍ୟ ଆଣବିକ ଶକ୍ତି ପ୍ରକଳ୍ପ ବସାଇ ନିଜର ଭିନ୍ନିଭୂମିକୁ ବ୍ୟାପକ କଲେଣି। ଉପରୋକ୍ତ ୧୩ଟି ଜିଲ୍ଲାର ବିଦ୍ୟୁତ୍ ଭିତିଭୂମି ଅନ୍ୟ ଜିଲ୍ଲା ତୁଳନାରେ ଯେହେତୁ ବ୍ୟାପକ, ତେଣୁ ସେହି ଜିଲ୍ଲାଗୁଡ଼ିକ ଶିଳ୍ପ ସମୃଦ୍ଧ। ଗୁଜରାଟର ମୋର୍ବୀ ଜିଲ୍ଲାକୁ ଏକ କେସ୍ ଷ୍ଟଡି ଭାବେ ନିଆଯାଉ। ଏବେ ଗାଧୁଆଘରେ କମୋଡ ପାଇଖାନା, ଟାଇଲ, ସାୱାର, ପାଣି ଟ୍ୟାପ୍, ହାତ ମୁହଁ ଧୋଇବା ବେସିନ ଇତ୍ୟାଦିର ବ୍ୟବହାର ଅପରିହାର୍ଯ୍ୟ ହୋଇଯାଇଛି। ଏ ସବୁକୁ 'ସ୍ୟାନିଟାରିୱେର' ବୋଲି କୁହାଯାଏ। ଆମ ଦେଶରେ ସ୍ୟାନିଟାରିୱେରର ବ୍ୟବସ୍ଥିତ ବଜାର ହେଉଛି ପାଖାପାଖି ୩୦,୦୦୦ କୋଟି ଟଙ୍କାର। ସେହିପରି ସେରାମିକ ଟାଇଲ୍‌ସର ବ୍ୟବସ୍ଥିତ ବଜାର ମୂଲ୍ୟ ପାଖାପାଖି ୭୫,୦୦୦ କୋଟି ଟଙ୍କା। ଦେଶର ୮୫ ପ୍ରତିଶତ ସେରାମିକ ଟାଇଲ୍ସ ଓ ସ୍ୟାନିଟାରିୱେର ଉଦ୍ୟୋଗ ଗୁଜରାଟର ମୋର୍ବୀ ସହରରେ ରହିଛି। ଆମେ ବ୍ୟବହାର କରୁଥିବା ସ୍ୟାନିଟାରିୱେର ମଧ୍ୟରୁ ମୁଖ୍ୟ ବ୍ରାଣ୍ଡଗୁଡ଼ିକରୁ ଅଧିକାଂଶଙ୍କ ଫ୍ୟାକ୍ଟ୍ରି ମୋର୍ବୀ କିମ୍ବା ଆଖପାଖ ସହରରେ ଅବସ୍ଥିତ। ସେହିପରି ସେରାମିକ୍ ଟାଇଲ୍ସ କ୍ଷେତ୍ରରେ ଦେଶର ୮୦ ପ୍ରତିଶତ ରପ୍ତାନି ମଧ୍ୟ ମୋର୍ବୀ ସହରରୁ ହୋଇଥାଏ। ଏହା ଛଡ଼ା ଏଥିରେ ତାମିଲନାଡୁ, ରାଜସ୍ଥାନ ଓ ତେଲେଙ୍ଗାନା ରାଜ୍ୟ ମଧ୍ୟ ଭଲ ବିକାଶ କରିଛନ୍ତି। ଆମ ରାଜ୍ୟରେ ଯେହେତୁ ଏ ସବୁର ଉତ୍ପାଦନ ପାଇଁ ବଡ଼ ଉଦ୍ୟୋଗ ନାହିଁ, ରାଜ୍ୟରେ ସ୍ୟାନିଟାରିୱେର ଯୋଗାଣ ପାଇଁ ଆମେ ମୁଖ୍ୟତଃ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିଥାଉ। ସ୍ୟାନିଟାରିୱେର କିମ୍ବା ସେରାମିକ୍ସ ଟାଇଲ ପ୍ରସ୍ତୁତି ପାଇଁ ଆବଶ୍ୟକ କଚାଂମାଲ ହେଲା- ଚାଇନା କ୍ଲେ ବା କାଓଲିନ, ବଲ କ୍ଲେ, ଫ୍ଲକ୍ସ, ସିଲିକା ବାଲି, ଲାଇମଷ୍ଟୋନ ଓ ଜିର୍କନ। କେବଳ ବଲ କ୍ଲେକୁ ବାଦ ଦେଲେ କୋରାପୁଟ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ରାୟଗଡ଼ା ଜିଲ୍ଲାରେ ଉପରୋକ୍ତ ସମସ୍ତ କଚାଂମାଲ ରହିଛି। ଉଲ୍ଲେଖ ଥାଉ କି କାଓଲିନ ଓ ଫ୍ଲକ୍ସ ଭଳି ମୁଖ୍ୟ ଉପାଦାନ ଗୁଜରାଟରେ ଉପଲବ୍‌ଧ ହୁଏ ନାହିଁ, ତଥାପି ଏହି ରାଜ୍ୟ ଭାରତର ୮୫ ପ୍ରତିଶତ ସ୍ୟାନିଟାରିୱେର ଓ ସେରାମିକ ଟାଇଲ୍ସ ଉତ୍ପାଦନ କରିଥାଏ। ପ୍ରଶ୍ନ ଉଠେ, ଆମ ରାଜ୍ୟରେ ଆବଶ୍ୟକ କଚାଂମାଲ ବହୁଳ ପରିମାଣରେ ଗଚ୍ଛିତ ଥାଇ ସୁଦ୍ଧା ଆମେ ନିତ୍ୟବ୍ୟବହାର୍ଯ୍ୟ ଜିନିଷକୁ ନେଇ ଆତ୍ମନିର୍ଭର ହୋଇପାରୁ ନାହିଁ କାହିଁକି ? ଏ ଦିଗରେ ଯେଉଁ ଏକ ମୁଖ୍ୟ ବିଷୟ ନଜରକୁ ଆସେ ଏବଂ ଯାହା ଆମକୁ ଗୁଜରାଟଠୁ ବହୁତ ପଛୁଆ କରେ ତାହା ହେଲା ଗୁଜରାଟର ଇନ୍ଧନ ବା ବିଦ୍ୟୁତ୍ ଭିତିଭୂମି ଏବଂ ଦୂରଦୃଷ୍ଟିପୂର୍ଣ୍ଣ ରାଜ୍ୟ ବିଦ୍ୟୁତ୍ ନୀତି (ଏନର୍ଜି ପଲିସି)। ସ୍ୟାନିଟାରି ଇଣ୍ଡଷ୍ଟ୍ରିରେ ୩୦ ପ୍ରତିଶତ ଖର୍ଚ୍ଚ ହେଉଛି ଶକ୍ତି ବା ବିଦ୍ୟୁତ୍ ଖର୍ଚ୍ଚ। ଉଲ୍ଲେଖ ଥାଉ କି ସେରାମିକ୍ସ ଫ୍ୟାକ୍ଟ୍ରିର ମେରୁଦଣ୍ଡ ହେଉଛି ପ୍ରୋପେନ ଗ୍ୟାସ୍ ଓ କିଲ୍‌ନ ତେଲ। ଫ୍ୟାକ୍ଟ୍ରି କିଲ୍‌ନ ୨୪ ଘଟାଂ ଚାଲିବାକୁ ହୁଏ। କିଲ୍‌ନକୁ ୨୪ ଘଟାହ ଗରମ ରଖିବାକୁ ହେଲେ ଇନ୍ଧନର ବ୍ୟବହାର କରାହୁଏ। କିଲ୍‌ନକୁ ୨୪ ଘଟାଂ ଗରମ ରଖିବା ପାଇଁ ଇନ୍ଧନ ମଧ୍ୟରୁ ସବୁଠୁ ଉପଯୁକ୍ତ ଇନ୍ଧନ ହେଉଛି ପି.ଏନ.ଜି.। ତାପଜ ଶକ୍ତିରେ କିଲ୍‌ନ ଚାଲିଲେ ଯେଉଁ ଖର୍ଚ୍ଚ ହୁଏ ତା'ର ୮୦ ପ୍ରତିଶତ କମ୍ ଖର୍ଚ୍ଚ ହୁଏ ପ୍ରପେନ ଗ୍ୟାସ୍ ବ୍ୟବହାରରେ। ୨୦୦୮ ମସିହାରୁ ମୋର୍ବୀ ସମେତ ଗୁଜରାଟର ପ୍ରମୁଖ ଶିଳ୍ପାଂଚଳରେ ଇଣ୍ଡଷ୍ଟ୍ରିଆଲ ପି.ଏନ୍.ଜି. ପାଇପ୍‌ଲାଇନ ବିଛା ସରିଛି। ଫଳତଃ ସେଠାକାର ଉଦ୍ୟୋଗମାନଙ୍କୁ ନିରନ୍ତର ଗ୍ୟାସ୍ ମିଳିଯାଏ ଏବଂ ଉତ୍ପାଦନ ଖର୍ଚ୍ଚ କମେ। ଏଥିଯୋଗୁଁ ମୋର୍ବୀରେ ତିଆରି ସ୍ୟାନିଟାରିୱେର ଓ ଟାଇଲ୍‌ଗୁଡ଼ିକ ଅନ୍ତର୍ଜାତୀୟ ବଜାରରେ ପ୍ରତିଯୋଗିତାର ସକ୍ଷମ ହୋଇପାରିଛନ୍ତି। ମୋର୍ବୀ ଅଂଚଳକୁ ସେରାମିକ୍ସ ଓ ସ୍ୟାନିଟାରିୱେର ଉଦ୍ୟୋଗ ପ୍ରତିଷ୍ଠାଯୋଗ୍ୟ କରିବା ପାଇଁ ପ୍ରଥମେ ରାସ୍ତାଗୁଡ଼ିକୁ ଚଉଡ଼ା କରାଗଲା, ବିଦ୍ୟୁତ୍ ଯୋଗାଣକୁ ଅବ୍ୟାହତ ରଖିବାର ବ୍ୟବସ୍ଥା କରାଗଲା ଏବଂ ପାଇପ ସାହାଯ୍ୟରେ ଉଦ୍ୟୋଗଗୁଡ଼ିକୁ କିପରି ପି.ଏନ.ଜି. ଯୋଗାଣ ଅବ୍ୟାହତ ରଖିହେବ ତାହାର ଯୋଜନା କରାଗଲା। ଯେତେବେଳେ ସାରା ଭାରତ କୋଇଲା ଇନ୍ଧନ ବ୍ୟବହାର କରି ଫ୍ୟାକ୍ଟ୍ରି କିଲ୍‌ନ ଚଳାଉଥିଲା, ଦୂରଦୃଷ୍ଟିସମ୍ପନ୍ନ ଗୁଜରାଟ ପି.ଏନ.ଜି. ପାଇପ ବିଛାଇ ମୋର୍ବୀ ସହରକୁ ଭବିଷ୍ୟତ ପାଇଁ ଶିଳ୍ପ ଉପଯୁକ୍ତ କରିଦେଲା। ଏହା ପରେ 'ମେଗା ସେରାମିକ୍ସ ପାର୍କ' କରି 'ପ୍ଲଗ ଏଣ୍ଡ ପ୍ଲେ' ବ୍ୟବସ୍ଥାରେ ବିଭିନ୍ନ ସବସିଡି ଘୋଷଣା କରି ନିବେଶକଙ୍କୁ ଆକୃଷ୍ଟ କରାଗଲା। ମୋର୍ବୀ ଅଂଚଳରେ ୫୦ କିଲୋମିଟର ମଧ୍ୟରେ ୧୨୦୦ରୁ ଅଧିକ ଉଦ୍ୟୋଗ ରହିଛି। ପ୍ରତି ବର୍ଷ ଏଠାରେ ୮-୧୦ଟି ନୂଆ ଫ୍ୟାକ୍ଟ୍ରି ବସୁଛି। ଏଠାରେ ଏ ଯାବତ ସାମୁଦାୟ ୪୦ ହଜାର କୋଟି ଟଙ୍କାର ନିବେଶ ହୋଇସାରିଛି। କେବଳ ମୋର୍ବୀ ଅଂଚଳରେ ୬ ଲକ୍ଷରୁ ଅଧିକ ଲୋକ କାର୍ଯ୍ୟରତ ଅଛନ୍ତି। ମୋର୍ବୀଠୁ ୧୫୦-୨୦୦ କିଲୋମିଟର ମଧ୍ୟରେ ରହିଛି ମୁନ୍ଦ୍ରା ଓ କାଣ୍ଡଲା ବନ୍ଦର। ଶିଳ୍ପ ବିକାଶ ପାଇଁ ପି.ଏନ.ଜି. ପାଇପ୍‌ଲାଇନ ଯେ କେତେ ଗୁରୁତ୍ୱପୂର୍ଣ୍ଣ ଏହି ମୋର୍ବୀ ଉଦାହରଣରୁ ସାବ୍ୟସ୍ତ ହୁଏ। ଆଜି ପର୍ଯ୍ୟନ୍ତ କୌଣସି ରାଜ୍ୟ ସେରାମିକ୍ସ ଟାଇଲ କିମ୍ବା ସ୍ୟାନିଟାରିୱେର ଉଦ୍ୟୋଗରେ ଗୁଜରାଟକୁ ଟକ୍କର ଦେଇପାରୁନାହାନ୍ତି। ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଂଚଳ ଏବଂ ତାମିଲନାଡୁରେ ଶିଳ୍ପ ବିକାଶର ଏକ ପ୍ରମୁଖ କାରଣ ଶକ୍ତି ଭିନ୍ନିଭୂମିର ବ୍ୟାପକତା। ଏଇ ରାଜ୍ୟମାନଙ୍କର ଦ୍ରୁତ ବିକାଶକୁ ଲକ୍ଷ୍ୟକରି ଗଲା ଦୁଇ ଦଶନ୍ଧି ଧରି ପଞ୍ଜାବର ଲୁଧିଆନା ଓ ଜଳନ୍ଧରରେ କପଡ଼ା ଓ ସାଇକେଲ ଉଦ୍ୟୋଗର ବିକାଶ, ଅବିଭକ୍ତ ଆନ୍ଧ୍ରର କାକିନାଡ଼ା ଓ ବିଶାଖାପାଟଣା ଅଂଚଳରେ କେମିକାଲ୍ସ, ଔଷଧ ଓ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ, ରାଜସ୍ଥାନର ଜୟପୁର, ନିମରାଣା ଓ ଅଲ୍‌ୱର ଅଂଚଳରେ ଗାଡ଼ି ପାର୍ଟ ଉଦ୍ୟୋଗର ଯେଉଁ ବିକାଶଧାରା ଦେଖାଦେଇଛି ସେଥିପାଇଁ ପି.ଏନ.ଜି. ପାଇପ୍‌ଲାଇନର ଭୂମିକା ଗୁରୁତ୍ୱପୂର୍ଣ୍ଣ। କହିବା ବାହୁଲ୍ୟ, ତାପଜ ଶକ୍ତି ସହ ପ୍ରାକୃତିକ ଗ୍ୟାସ୍ ? ଓ ଆଣବିକ ଶକ୍ତି ପ୍ରକଳ୍ପ କରି ତାମିଲନାଡୁ ଏକ ଶିଳ୍ପସମୃଦ୍ଧ ରାଜ୍ୟ ଭାବେ ଗଣା ହୋଇପାରୁଛି। ଅନ୍ୟପକ୍ଷରେ ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ ଓ କେରଳ ଭଳି ରାଜ୍ୟ ଆଧୁନିକ ଭିନ୍ନିଭୂମି ଉପରେ ଧ୍ୟାନ ଦେଇ ନଥିବାରୁ ଏହି ରାଜ୍ୟମାନଙ୍କରେ ତୁଳନାତ୍ମକ ଭାବେ ଔଦ୍ୟୋଗିକ ବିକାଶ ହେଇପାରୁ ନାହିଁ। ଆମ ରାଜ୍ୟରେ କୋଇଲା ଜନିତ ତାପଜ ଶକ୍ତିକୁ ପ୍ରାଥମିକତା ଦିଆଯାଇଛି କିନ୍ତୁ ଏଯାବତ ରାଜ୍ୟରେ ଇଣ୍ଡଷ୍ଟ୍ରିଆଲ ପି.ଏନ.ଜି. ଯୋଗାଣ, ଆଣବିକ ଶକ୍ତି କିମ୍ବା ସେ ?ର ଶକ୍ତିକୁ ପ୍ରାଥମିକତା ଦିଆଯାଇନାହିଁ। ଜାତୀୟ ଶକ୍ତି ନୀତି ଅନୁସାରେ ମୁଖ୍ୟତଃ ଘରୋଇ ଜାଳେଣି ଓ ପରିବହନ ପାଇଁ ପି.ଏନ.ଜି. ଯୋଗାଣ ତଥା ପାଇପଲାଇନକୁ ପ୍ରାଥମିକତା ଦିଆଯାଇଛି। ତେଣୁ ଓଡ଼ିଶାରେ ଏ ଯାବତ୍ ଔଦ୍ୟୋଗିକ ବ୍ୟବହାର ପ୍ରକ୍ରିୟା ଆରମ୍ଭ କରିବା କଷ୍ଟକର ହୋଇପଡ଼ିଛି। ଏ ଦିଗରେ ରାଜ୍ୟେ ଆଗାମୀ ୩୦ ବର୍ଷ ପାଇଁ ବିକଳ୍ପ ଚିନ୍ତା କରିବା ଆବଶ୍ୟକ। ମୂଳ କଥା ହେଲା ଆମ ରାଜ୍ୟରେ ଶକ୍ତି ଭିନ୍ନିଭୂମିର ପରିସରକୁ ବ୍ୟାପକ କରାଯାଉ। ଅର୍ଥାତ୍ ଇଣ୍ଡଷ୍ଟ୍ରିଆଲ ନ୍ୟାଚୁରାଲ ଗ୍ୟାସ୍, ଆଣବିକ ଶକ୍ତି ଏବଂ ସୌରଶକ୍ତି ଉପରେ ଯଥାଶୀଘ୍ର ଧ୍ୟାନ ଦିଆଯାଉ। କେବଳ ବନ୍ଦର ଓ ଜାତୀୟ ରାଜପଥର ସୁବିଧା ରହିଲେ ଯେ ଉଦ୍ୟୋଗ ପାଇଁ ସୁବିଧାଜନକ ହେବ ତାହା ନୁହେଁ। ମୁଖ୍ୟ ସହରଗୁଡ଼ିକର ରାସ୍ତାକୁ ଚଉଡ଼ା କରିବା ଏବଂ ଔଦ୍ୟୋଗିକ ବସତି ଯୋଗ୍ୟ କରିବା ମୁଖ୍ୟ କଥା। ଆମ ରାଜ୍ୟର ଉଦ୍ୟୋଗ ନୀତି ବ୍ୟବସ୍ଥିତ ଢଙ୍ଗରେ ଯଦି ଏହି ଉଦ୍ୟୋଗକୁ ପ୍ରୋତ୍ସାହନ ଦିଅନ୍ତା ପର୍ଯ୍ୟାୟକ୍ରମେ ଆଗାମୀ ୨୦ ବର୍ଷରେ ଆମ ରାଜ୍ୟ ଏ ଦିଗରେ ଆତ୍ମନିର୍ଭର ହୋଇପାରନ୍ତା। ରାଜ୍ୟରେ ପି.ଏନ.ଜି. ପାଇପ ସୁବିଧା ହେଲେ କେମିକାଲ୍ସ, କାଚ, ଫୁଡ ଏଣ୍ଡ ଆଗ୍ରୋ ପ୍ରୋସେସିଂ ଇଣ୍ଡଷ୍ଟ୍ରି, ଟେକ୍ସଟାଇଲ ଇଣ୍ଡଷ୍ଟ୍ରି, ଇଣ୍ଡାଷ୍ଟ୍ରିଆଲ ଇଞ୍ଜିନିଅରିଙ୍ଗ ଇତ୍ୟାଦି ଉଦ୍ୟୋଗ ଆପେ ଆକୃଷ୍ଟ ହେବେ। ସେହିପରି ରାଜ୍ୟରେ ଆଣବିକ ଶକ୍ତି ପ୍ରକଳ୍ପ ବସାଗଲେ ଅଟୋମୋବାଇଲ, ହେଭି ଇଣ୍ଡଷ୍ଟ୍ରି, ଇଲେକ୍ଟ୍ରୋନିକ୍ସ ଆଦି ବୃହତ୍ ଉଦ୍ୟୋଗ ଆକୃଷ୍ଟ ହୁଅନ୍ତେ। ଏନର୍ଜି ପରିସର ବ୍ୟାପକ ନ ହେଲେ ଓଡ଼ିଶା ୩୦ ବର୍ଷ ପରେ ବି ପଛୁଆ ହୋଇ ରହିଯିବ।

ପିଏମ ଶ୍ରୀ କୁଶଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲିରେ ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ

ଭୁବନେଶ୍ୱର : ବିଦ୍ୟାଳୟ କେବଳ ପଥପଢାର ସ୍ଥାନ ନୁହେଁ, ଏହା ଜୀବନ ଗଢ଼ିବାର ଏକ ପବିତ୍ର କ୍ଷେତ୍ର। ଏଠାରେ ଜ୍ଞାନ ସହିତ ଜୀବନର ମୂଲ୍ୟବୋଧ ଓ ଶୃଙ୍ଖଳା ଶିକ୍ଷା ଦାନ କରାଯାଏ, ପିଲାଙ୍କ ଚରିତ୍ର ଗଠନର ପ୍ରଥମ ସୋପାନ ବିଦ୍ୟାଳୟରୁ ହିଁ ଆରମ୍ଭ ହୋଇଥାଏ ବୋଲି ରବିବାର କେନ୍ଦୁଝର ଜିଲ୍ଲା ପିଏମ ଶ୍ରୀ କୁଶଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ଅବସରରେ ଆୟୋଜିତ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି। ଏହି ଅବସରରେ ସେ କହିଥିଲେ ଯେ ୧୯୫୦ ମସିହାରେ ସାଧାରଣ ପରିସ୍ଥିତିରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟ ଆଜି ଏକ ପ୍ରତିଷ୍ଠିତ ଶିକ୍ଷା ପୀଠରେ ପରିଣତ ହୋଇଛି ଏବଂ ଏହାର ଉନ୍ନତି ପଛରେ ଅନେକ ଶିକ୍ଷାପ୍ରେମୀ ବ୍ୟକ୍ତି, ଶିକ୍ଷକ ଓ ସ୍ଥାନୀୟ ଲୋକଙ୍କ ତ୍ୟାଗ ଓ ସମର୍ପଣ ରହିଛି। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ପ୍ରେରିତ ଏହି ବିଦ୍ୟାଳୟର ଶିକ୍ଷା ପ୍ରଣାଳୀକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏଠାରେ କେବଳ ପାଠ୍ୟଜ୍ଞାନ ନୁହେଁ, ବରଂ ନୈତିକତା, ଶୃଙ୍ଖଳା ଓ ମୂଲ୍ୟବୋଧର ଶିକ୍ଷା ମଧ୍ୟ ଦିଆଯାଉଛି। ଏହି ବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରିଥିବା ଅନେକ ଛାତ୍ରଛାତ୍ରୀ ରାଜ୍ୟ ଓ ଦେଶ ସ୍ତରରେ ନିଜ ପ୍ରତିଭା ପ୍ରମାଣ କରି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ବୋଲି ସେ କହିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ କରି କହିଥିଲେ ଯେ ଶିକ୍ଷା କେବଳ ଚାକିରି ପାଇଁ ନୁହେଁ, ବରଂ ଜୀବନ ଗଢ଼ିବାର ଏକ ମାଧ୍ୟମ। ଆଜିର ପ୍ରତିସ୍ପର୍ଦ୍ଧାମୂଳକ ଯୁଗରେ ପାଠ୍ୟଜ୍ଞାନ ସହିତ ଦକ୍ଷତା, ସୃଜନଶୀଳତା ଓ ନୂତନ ଚିନ୍ତାଧାରା ଅତ୍ୟାବଶ୍ୟକ। ସମୟର ମୂଲ୍ୟ ବୁଝି ଶୃଙ୍ଖଳିତ ଜୀବନ ଅନୁସରଣ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ଏବଂ ଅନାବଶ୍ୟକ କାର୍ଯ୍ୟରୁ ଦୂରରେ ରହି ଲକ୍ଷ୍ୟମୁଖୀ ହେବାକୁ ଆହ୍ୱାନ କରିଥିଲେ। ବିଦ୍ୟାଳୟ ର ଏକ ନୂତନ ଅଡିଟୋରିଅମ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ବିଦ୍ୟାଳୟ ପିଏମ ଶ୍ରୀ ଯୋଜନାରେ ସାମିଲ ହୋଇଥିବାରୁ ଏଠାରେ ଆଧୁନିକ ଭିତିଭୂମି, ଡିଜିଟାଲ୍ ଶିକ୍ଷା, ସ୍ମାର୍ଟ କ୍ଲାସ୍‌ରୁମ୍ ଓ ନବସୃଜନମୂଳକ ପାଠ୍ୟ ପ୍ରଣାଳୀର ଉନ୍ନତି ହେବ। ଓଡ଼ିଶାର ପ୍ରାୟ ୮୦୦ଟି ବିଦ୍ୟାଳୟକୁ ଏହି

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA , Pin :769003

ପ୍ରସ୍ତାବିତ ଭାଷା ଆନ୍ଦୋଳନର କଳାପତାକା ଅଭିଯାନ ସାମୟିକ ସ୍ଥଗିତ

ସମ୍ବଲପୁର,୧୩/୪(ନି/ପ୍ର):ଓଡ଼ିଆ ଭାଷାରେ ଓଡ଼ିଶାର ଶାସନ, ପାଇଁ ୧୯୪୮ ମସିହାରେ ବରଗଡ଼ (ସମ୍ବଲପୁର) ର ତତ୍କାଳୀନ ବିଧାୟକ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଓଡ଼ିଶାର ଜନ୍ମଦିନ ଉତ୍କଳ ଦିବସ ଏପ୍ରିଲ ୧ ତାରିଖ ଦିନ ଓଡ଼ିଶା ବିଧାନସଭାରେ ପ୍ରସ୍ତାବ ଆଣିଥିଲେ କି ଜୁନ ୧ ତାରିଖ ୧୯୪୮ ମସିହାଠାରୁ ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ ହେଉ ଓ ପଣ୍ଡିତ ମିଶ୍ରଙ୍କର ପ୍ରସ୍ତାବ ଅନୁସାରେ ୧୯୫୪ ମସିହାରେ ଭାଷା ଆଇନ ପାରିତ ହୋଇଥିଲା ଓ କିନ୍ତୁ ସେହି ଆଇନରେ ତ୍ରୁଟି ଥିବାରୁ ଭାଷା ଆନ୍ଦୋଳନ ଓଡ଼ିଶା ଆନ୍ଦୋଳନ ସ୍ୱରୂପ କଳାପତାକା ଅଭିଯାନ କରି ବିଧାନସଭାରେ ଆଇନ ସଂଶୋଧନ କରି ଓଡ଼ିଆରେ ହିଁ ଓଡ଼ିଶାର ଶାସନ ପାଇଁ ବାଧ କରିଥିଲା ଓ ସମ୍ବଲପୁର ଶାଖାର ସଭାପତି ପ୍ରକୃତିବନ୍ଧୁ, କଳାରତ୍ନ ଡକ୍ଟର ବଂଶୀଧର କର ଏବଂ ଅଧକ୍ଷ ପ୍ରଫେସର ଡ଼ ଗିରିଜା ଶଙ୍କର ଶର୍ମାଙ୍କ ନେତୃତ୍ୱରେ ୨ ବର୍ଷରୁ ଉର୍ଦ୍ଧ ସମୟ ଧରି ଆନ୍ଦୋଳନ ଚାଲିଥିଲା କିନ୍ତୁ ନୂଆ ସରକାର ଆସିବା ପରେ ଓଡ଼ିଆ ଭାଷାରେ ଶାସନ କରିବା ପାଇଁ ଆଇନଗତ ତ୍ରୁଟି କରିଛନ୍ତି ଯାହା କହୁଛନ୍ତି ତାହାର ଚିଠି ଅଲଗା କରିଥିବାରୁ ଭାଷା ଆନ୍ଦୋଳନ ତରଫରୁ ଦୃଢ ପ୍ରତିବାଦ କରାଯାଇଥିଲା । କିନ୍ତୁ ସରକାରୀ ଉଦାସୀନତା ଯୋଗୁ ଭାଷା ଆନ୍ଦୋଳନ ,ଓଡ଼ିଶା ପୁନର୍ବାର ଓଡ଼ିଆ ନୂଆବର୍ଷ ଏପ୍ରିଲ ୧୪ ତାରିଖ ଠାରୁ କଳାପତାକା ଅଭିଯାନ କରିବା ପାଇଁ ନିଷ୍ପତି ନେଇଥିଲା ଓ ମାତ୍ର, ଓଡ଼ିଶା ସରକାରଙ୍କର ମୁଖ୍ୟ ଶାସନ ସଚିବ ଭାଷା ଆନ୍ଦୋଳନ,ଓଡ଼ିଶାର ଆନ୍ଦୋଳନକୁ ଆଖି ଆଗରେ ରଖି ଭାଷା ଆନ୍ଦୋଳନର କର୍ମକର୍ତାମାନଙ୍କ ସହିତ ଆଲୋଚନା କରିଥିଲେ ଓ ଯାହା ସବୁ ତ୍ରୁଟି ବିଚ୍ୟୁତି ହୋଇଛି ସେ ସେସବୁକୁ ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଥିଲେ ଏବଂ ଅନୁରୋଧ କରିଥିଲେ ଆଉ ଆନ୍ଦୋଳନକୁ ଯାଆନ୍ତୁ ନାହିଁ ଓ ମୁଖ୍ୟ ଶାସନ ସଚିବଙ୍କର ଅନୁରୋଧ ରକ୍ଷା କରି ଭାଷା ଆନ୍ଦୋଳନ ,ଓଡ଼ିଶା କଳାପତାକା ଅଭିଯାନକୁ ସାମୟିକ ସ୍ଥଗିତ ରଖିବା ପାଇଁ ନିଷ୍ପତି ନେଇଛି ଓ ମୁଖ୍ୟଶାସନ ସଚିବଙ୍କ ସହିତ ଯାହା ଆଲୋଚନା ହୋଇଥିଲା ସେ ସବୁକୁ ସମ୍ବଲପୁର ଶାଖାକୁ ଆବାହକ ପବିତ୍ର ମହାରଥା ଅବଗତ କରିବା ପରେ ବର୍ତମାନ ଆନ୍ଦୋଳନକୁ ସାମୟିକ ସ୍ଥଗିତ ରଖିବା ପାଇଁ ଅନୁରୋଧ କରିଛନ୍ତି ବୋଲି ସମ୍ବଲପୁର ଶାଖାର ସଭାପତି ପ୍ରକୃତିବନ୍ଧୁ, କଳାରତ୍ନ ଡକ୍ଟର ବଂଶୀଧର କର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

ମୁଦିପଡା ଜଗନ୍ନାଥ ମନ୍ଦିର ପରିସରରେ ନବନିର୍ମିତ ହନୁମାନ ମୂର୍ତି ପ୍ରତିଷ୍ଠା

ସମ୍ବଲପୁର,୧୩/୪(ନି/ପ୍ର):ସ୍ଥାନୀୟ ମୁଦିପଡା ଜଗନ୍ନାଥ ମନ୍ଦିର ପରିସରରେ ଏକ ନବନିର୍ମିତ ହନୁମାନ ମହାପ୍ରଭୁଙ୍କ ମୂର୍ତି ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଜି ସକାଳୁ ପୂଜା, ହୋମ, ଯଜ୍ଞ ଆଦି ସହ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା । ମୁନୁ ପ୍ରଧାନ ଓ ତାଙ୍କ ସହଧର୍ମିଣୀ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ଅମୃତ ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ଏହିଅବସରରେ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ଅନ୍ନପ୍ରସାଦ ବଟଂନ କରାଯାଇଥିଲା । ମନ୍ଦିର କମିଟି ସଭାପତି ଜିତୁ କର୍ଣ୍ଣଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ସୁବ୍ରତ ବହିଦାର, ଗଜପତି ରାଓ, ରାଜନ କପୁର, ସୁଜିତ କର୍ଣ୍ଣ, ଭୀମସେନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ପଡା ତଥା ଆଖପାଖ ଅଟଂଳର ବହୁ ଲୋକ ଉପସ୍ଥିତ ଥିଲେ ।

ବିଜେପିରେ ସାମିଲ ହେଲେ ପୂର୍ବତନ ରେଙ୍ଗାଲି ବିଜେଡି ବିଧାୟକ ରମେଶ ପଟୁଆ

ସମ୍ବଲପୁର,୧୩/୪(ନି/ପ୍ର): ରେଙ୍ଗାଲିର ପୂର୍ବତନ ବିଧାୟକ ରମେଶ ପଟୁଆ ରବିବାର ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟି (ବିଜେପି) ରେ ଯୋଗ ଦେଇଛନ୍ତି । ସମ୍ବଲପୁର ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ରବିବାର ପୂର୍ବାହ୍ନ ଘ.୧୧.୩୦ ମିନିଟ୍ ଶ୍ରୀ ପଟୁଆ ବିଜେପି ରେ ଯୋଗଦାନ କରିଥିଲେ ଓ ଶ୍ରୀ ପଟୁଆଙ୍କ ଯୋଗଦାନ ସମୟରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାୟକ, ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର, ବିଜେପି ନେତା ମୋତିଲାଲ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ ଓ ଆଜି ଏହି ମିଶ୍ରଣ ପର୍ବରେ ଶ୍ରୀ ପଟୁଆଙ୍କ ସହିତ ତାଙ୍କର ପ୍ରାୟ ୨୦୦ରୁ ଅଧିକ ସମର୍ଥକ ମଧ ପଦ୍ମ ଧରିଛନ୍ତି । ସାଂସଦା ମାଳବିକା ଦେବୀ ଓ ବରିଷ୍ଠ ନେତା ଜୟନାରାୟଣ ମିଶ୍ର ଉତ୍ତରୀୟ ପ୍ରଦାନ କରି ଶ୍ରୀ ପଟୁଆଙ୍କୁ ଦଳକୁ ସ୍ୱାଗତ କରିଥିଲେ । ଏହି ଅବସରରେ ଶ୍ରୀ ପଟୁଆ କହିଛନ୍ତି ଯେ, ଅଟଂଳର ବିକାଶ ଏବଂ ପ୍ରଧାନମନ୍ତ୍ରୀଙ୍କ ନୀତିରେ ଅନୁପ୍ରାଣିତ ହୋଇ ସେ ବିଜେପିରେ ସାମିଲ ହୋଇଛନ୍ତି ।

ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର : ଯୋଗାଣ ବିଭାଗ କାର୍ଯ୍ୟାଳୟ ଘେରିଲେ ଚାଷୀ

ସମ୍ବଲପୁର,୧୩/୪(ନି/ପ୍ର): ସମ୍ବଲପୁର ଜିଲ୍ଲାର ଚାଷୀଙ୍କୁ ତୃତୀୟ ଟୋକନ ପରେ ଆଉ ଟୋକନ ଆସିଲାନି । ଫଳରେ ଚାଷୀଙ୍କ ପାଖରେ ଏବେବି ବିପୁଳ ପରିମାଣର ଧାନ ପଡି ରହିଛି ବୋଲି ଆଜି ଶତାଧିକ ଚାଷୀ ଅଭିଯୋଗ କରିଛନ୍ତି । ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଧାନ କିଣିବେ ବୋଲି ସରକାର ପ୍ରତିଶୃତି ଦେବା ସହ ପୁଣି ୭ ଦିନ ସମୟ ବଢ଼ାଇଥିଲେ । ହେଲେ ଦିନ ପରେ ଦିନ ଗଲା, ହେଲେ ଧାନ କିଣିଲେ ନାହିଁ କି, ଟୋକନ ବି ଦେଲେ ନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି । ଆଗକୁ ରବି ଅମଳ ହେବାକୁ ଥିବାବେଳେ ଏବେବି ଖରିଫ ଧାନ ବିକ୍ରି ହୋଇ ନାହିଁ । ନିର୍ବାଚନ ବେଳେ ବହୁ ମନଗଢ଼ା ପ୍ରତିଶ୍ରୁତି ଚାଷୀଙ୍କୁ ଦେଇ ଶାସନ କଳକୁ ଆସିବା ପରେ ସରକାର ଯେଉଁ ପ୍ରତିଶ୍ରୁତିର ପ୍ରହସନ ଦେଖାଉଛନ୍ତି ତାହା କେବେ ବି ବରଦାସ୍ତ ଯୋଗ୍ୟ ନୁହେଁ ବୋଲି ଆଜି ଶତାଧିକ ଚାଷୀ ସରକାରଙ୍କ ବିରୋଧରେ ବିକ୍ଷୋଦଗାର କରିଛନ୍ତି । ଧାନ ବିକ୍ରି ଦିଗରେ ଯଥା ଶିଘ୍ର ସରକାର ନୀତିଗତ ନିଷ୍ପତି ନେଇ ଚାଷୀ ସମାଜକୁ ଆଶ୍ୱସ୍ତି କରନ୍ତୁ ବୋଲି ଆଜି ଜିଲ୍ଲା ଯୋଗାଣ ବିଭାଗ କାର୍ଯ୍ୟାଳୟର ସମବେତ ଶତାଧିକ ଚାଷୀ ଖୋଲାଖୋଲି ଦାବି କରିଛନ୍ତି । ଏହି ଅବସରରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପ୍ରଦାନ କରିବା ସହ ଏକ ସୌଜନ୍ୟ ମୂଳକ ସାକ୍ଷାତକାର କରି ନିଜ ନିଜର ପାରିବାରିକ ଓ ଚାଷ ସମ୍ପର୍କିତ ସମସ୍ୟା ଅବଗତ କରାଇଥିଲେ ।

ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ "ମହିଳା ସଂରକ୍ଷଣ ଆଇନ ଉପରେ ଜନମତ" ଆଲୋଚନାଚକ୍ର

ଝାରସୁଗୁଡା,୧୩/୪(ନି/ପ୍ର): ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଓ ନିର୍ବାଚନ ସାକ୍ଷରତା କ୍ଲବର ଯୁଗ୍ମ ସହଭାଗିତାରେ "ମହିଳା ସଂରକ୍ଷଣ ଆଇନ ଉପରେ ଜନମତ" ବିଷୟରେ ଏକ ସ୍ୱତନ୍ତ୍ର ବକ୍ତୃତା ଆଲୋଚନାଚକ୍ର ସଫଳତାର ସହ ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ରାଜନୀତି ବିଜ୍ଞାନର ଅଧାପକ ତପନ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ପ୍ରାରମ୍ଭରେ ବିଭାଗମୁଖ୍ୟ ଅଧାପକ ରକି ବିଶ୍ୱାଲ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।ଆଲୋଚନାଚକ୍ରରେ ଲଇଡା ପି.ଏସ. କଲେଜର ରାଜନୀତି ବିଜ୍ଞାନ ଅଧାପକ ତଥା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହାଇଦ୍ରାବାଦର ବାଗ୍ମୀ ଛାତ୍ର କୈଳାସ ବେହେରା ମୁଖ୍ୟବକ୍ତା ଭାବରେ ଯୋଗଦେଇ ତାଙ୍କର ସୁଦୃଢ଼ ଓ ତଥ୍ୟସମୃଦ୍ଧ ଆଲୋଚନାରେ ମହିଳା ସଂରକ୍ଷଣ ଆଇନର ବିଭିନ୍ନ ପର୍ଯ୍ୟାୟକୁ ଆଲୋଚନା କରିଥିଲେ । ସେ ଜନମତ ଗଠନରେ ଗଣମାଧ୍ୟମ, ଶିକ୍ଷା ଓ ସାମାଜିକ ସଂସ୍ଥାମାନଙ୍କ ଭୂମିକା ଉପରେ ମତ ପ୍ରକାଶ କରିବା ସହିତ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବାରେ ଅନ୍ତର୍ଭୁକ୍ତ ପ୍ରତିନିଧିତ୍ୱର ଗୁରୁତ୍ୱ ଉପରେ ମତ ଦେଇଥିଲେ । ପରବର୍ତୀ ପର୍ଯ୍ୟାୟରେ ଆୟୋଜିତ ଖୋଲା ଆଲୋଚନା ଅଧିବେଶନରେ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ମହିଳା ସଂରକ୍ଷଣର ଆବଶ୍ୟକତା ଓ ପ୍ରଭାବ ବିଷୟରେ ନିଜ ମତ ପ୍ରକାଶ କରିଥିଲେ । ଏହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲିଙ୍ଗ ସମାନତା ଓ ରାଜନୈତିକ ସଚେତନତାର ଉଚ୍ଚ ସ୍ତରକୁ ପ୍ରତିଫଳିତ କରିଥିଲା । କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରାଧାପକ ତପନ କୁମାର ବାରିକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ରାଜନୀତି ଓ ନିଷ୍ପତି ଗ୍ରହଣରେ ମହିଳାଙ୍କ ଅଧିକ ଅଂଶଗ୍ରହଣ ପାଇଁ ସଂରକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ଏବଂ ସମାନ ଓ ସନ୍ତୁଳିତ ବିକାଶରେ ଏହାର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ । ଏହିଅବସରରେ ଅଧାପିକା ପୂଜା ଶାହା, ସ୍ୱାଗତିକା ବାରିକ,ପ୍ରାଧାପକ ବ୍ରଜେଶ ସାହୁ, ଡ.ସ୍ୱର୍ଣ୍ଣମୟୀ ପୁରୋହିତ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ସଫଳ କରିଥିଲା । ଶେଷରେ ଅଧାପିକା ଡ଼. ସୁଚରିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

ଆଜାଦ ହିନ୍ଦ ବାହିନୀର ଚାରିଦିନିଆ କର୍ମଶାଳା ଉଦ୍‌ଯାପିତ

ଭୁବନେଶ୍ୱର,୧୩/୪(ନି/ପ୍ର):ଆଜାଦ ହିନ୍ଦ ବାହିନୀ ପକ୍ଷରୁ ଆୟୋଜିତ ଚାରି ଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ରବିବାର ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ବରିଷ୍ଠ ସ୍ତମ୍ଭକାର ତୁଷାର କାନ୍ତ ଶତପଥୀ, ବରିଷ୍ଠ ସାମ୍ବାଦିକ ତଥା କବି କେଦାର ମିଶ୍ର, ଏବଂ ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ର, ଫରୱାର୍ଡ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ ନେତାଜୀଙ୍କ ଜୀବନୀ ଓ ତାଙ୍କ ସଂଗ୍ରାମୀ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ ।

ସ୍ୱାଧିନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ୧୨୩ ତମ ରାଜ୍ୟସ୍ତରୀୟ ଜୟନ୍ତୀ

ସମ୍ବଲପୁର,୧୩/୪(ନି/ପ୍ର): ସମ୍ବଲପୁର ସଦର ସ୍ଥିତ ପରମାଣପୁର ମାଟିରେ ଜନ୍ମିତ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ୧୨୩ ତମ ରାଜ୍ୟସ୍ତରୀୟ ଜୟନ୍ତୀ ପରମାଣପୁର ଉଚ୍ଚ ବିଦ୍ୟାଳୟ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସଂସ୍କୃତି ଗବେଷକ ଡଃ ଶ୍ୟାମସୁନ୍ଦର ଧର, ମୁଖ୍ୟବକ୍ତା ଭାବେ ଡ଼. ସତ୍ୟ ନାରାୟଣ ଠାକୁର ଏବଂ ସମ୍ମାନୀତ ଅତିଥି ଭାବେ ଅଧାପକ ଡଃ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ସମ୍ବଲପୁର ପ୍ରେସ କ୍ଲବର ସାଧାରଣ ସମ୍ପାଦକ ତଥା ନିର୍ମାଲ୍ୟ ସାହିତ୍ୟ ସଂସଦ ସଭାପତି ଭବାନୀଶ ଭୋଇ ପ୍ରମୁଖ ଯୋଗ ଦେଇଥିଲେ । ଏତଦ୍ ବ୍ୟତୀତ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ସମ୍ପର୍କୀୟ ଭାଇ ଜଗତେଶ୍ୱର ମିଶ୍ର ଏବଂ ପରିବାର ସଦସ୍ୟ ସୁଧାଂଶୁ ଶେଖର ମିଶ୍ର ମଧ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଥିଲେ । ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ପରମାଣପୁରରେ ଜନ୍ମଗ୍ରହଣ କରିଥିବା ନେଇ ଜଗତେଶ୍ୱର ମିଶ୍ର ସ୍ପଷ୍ଟ କରିଥିଲେ । ସୁଧାଂଶୁ ଶେଖର ମିଶ୍ର ମଧ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କର ପରମାଣପୁର ସହ ଜଡ଼ିତ ସମ୍ପର୍କ ଉପସ୍ଥାପନା କରିଥିଲେ । ସମ୍ମାନିତ ଅତିଥି ଭବାନୀଶ ଭୋଇ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ସ୍ମୃତି ରକ୍ଷା ସହ ତାଙ୍କର ଅନାଲୋଚିତ ବଳିଦାନ ଲୋକ ଲୋଚନକୁ ଆଣିବାକୁ ଆହ୍ୱାନ କରିଥିଲେ । ଅଧାପକ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ୧୭ ବର୍ଷ କାରାବରଣ କରିବା ସମୟରେ ଅଧୟନ ହିଁ ତାଙ୍କୁ ପଣ୍ଡିତ ଭାବେ ପ୍ରତିଷ୍ଠିତ କରିପାରିଥିଲା ବୋଲି କହିଥିଲେ । ମୁଖ୍ୟ ବକ୍ତା ଡ଼. ସତ୍ୟ ନାରାୟଣ ଠାକୁର ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କର ୧୭ ବର୍ଷ ବୟସରେ ସ୍କୁଲ ବର୍ଜନ ଠାରୁ ବିଧାୟକ ଭାବରେ ସଂଘର୍ଷର କାହାଣୀ ବଖାଣିବା ପରେ ତାଙ୍କର ଅପ୍ରକାଶିତ ୧୦ ଖଣ୍ଡ ପାଣ୍ଡୁଲିପି ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ କରିବାକୁ ଦାବି କରିଥିଲେ । ମୁଖ୍ୟ ଅତିଥି ଡ଼. ଶ୍ୟାମ ସୁନ୍ଦର ଧର ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କୁ ଦେଶର ଅଦ୍ୱିତୀୟ ବ୍ୟକ୍ତିତ୍ୱ ଭାବେ ବର୍ଣ୍ଣନା କରିଥିଲେ । ଏହି ଅବସରରେ ମଂଚାସୀନ ଅତିଥି ମାନଙ୍କ ଦ୍ୱାରା ନିର୍ମାଲ୍ୟ ସାହିତ୍ୟ ସଂସଦ ପକ୍ଷରୁ ପ୍ରକାଶିତ ତ୍ରୈମାସିକ ସାହିତ୍ୟ ପତ୍ରିକା 'ନିର୍ମାଲ୍ୟ' ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମକୁ ଯୁବକ ସଂଘ ସଭାପତି ସବୀର ରଞ୍ଜନ ନାଥ ପରିଚାଳନା କରିଥିଲେ । ସଂଘର ସାଧାରଣ ସମ୍ପାଦକ ସରୋଜ କୁମାର ନାଥ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ନିରୁପମା ନାଥଙ୍କ ସଂଯୋଜନାରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ର ଛାତ୍ରୀ ମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ।ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ ଗୀତିକାର ବିଭୁତି ଭୂଷଣ ନାଥ ସଭାପତିତ୍ୱ କରିଥିଲେ । ଏଥିରେ ବିଶିଷ୍ଟ ଗାୟକ ମୋତିଲାଲ ଦୋରା, ବିଭୂତି ଭୂଷଣ ପଟ୍ଟନାୟକ, ତେଜରାଜ ନାୟକ, ସନ୍ତୋଷ ମିଶ୍ର, ତ୍ରୀବିକ୍ରମ ମାହାଣା, ବେଣୁଧର ନାଥ ସଙ୍ଗୀତ ପରିବେଷଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ପରମାଣପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ତପନେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ତୃତୀୟ ଅଧିବେଶନରେ ସମ୍ବଲପୁରୀ କବିତା ପାଠ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା କବି ଓ କବୟତ୍ରୀ ମାନେ ସ୍ୱରଚିତ ସମ୍ବଲପୁରୀ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମକୁ କବୟତ୍ରୀ ସୁଷମା ପ୍ରଧାନ ସଂଯୋଜନା କରିଥିଲେ । ନିର୍ମାଲ୍ୟ ସାହିତ୍ୟ ସଂସଦ ସହଯୋଗରେ ଆୟୋଜିତ ଏହି ଜୟନ୍ତୀ କାର୍ଯ୍ୟକ୍ରମ ଆୟୋଜନରେ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଯୁବକ ସଂଘର ସୁବ୍ରତ ଗାଆଣ, ଅଚ୍ୟୁତ ନାଥ, ଦେବବ୍ରତ ନାଥ,ବାପୁନୀ ପୃଷ୍ଟୀ, ଗୋପାଳ ବେହେରା, ସଞ୍ଜୟ ଗାଆଣ, ସଞ୍ଜୀବ ନାଥ, ମନୋଜ ନାଥ, ନିର୍ମାଲ୍ୟ ସାହିତ୍ୟ ସଂସଦ ସମ୍ପାଦକ ପ୍ରଦ୍ୟୁମ୍ନ ବିଶି, ବରିଷ୍ଠ ସଦସ୍ୟ ତ୍ରିଲୋଚନ ସାହୁ, ଲଳିତ ମୋହନ ପ୍ରଧାନ, ରାହାସ ବିହାରୀ ନାଥ, ମହେଶ୍ୱର ନାଏକ, ରାଜଲକ୍ଷ୍ମୀ ମିଶ୍ର, କୈଳାଶ ବାରିକ୍, କାହ୍ନୁ ଚରଣ ନାଥ, ଉମେଶ ମେହେର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

ନିମ୍ନମାନର ରାସ୍ତା କାମ ଅଭିଯୋଗ

ମାଲକାନଗିରି,୧୩/୪(ନି/ପ୍ର): ଗ୍ରାମୀଣ ଅଂଚଳରେ ନବନିର୍ମିତ ପିଚୁ ରାସ୍ତା କାମରେ ଦୁର୍ନୀତି ନେଇ ଗୁରୁତର ଅଭିଯୋଗ ଉଠିଛି । ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ରାସ୍ତା ନିର୍ମାଣ କାମ ଠିକ୍ ଭାବରେ ହୋଇନଥିବାରୁ କିଛି ଦିନ ମଧ୍ୟରେ ରାସ୍ତାର ଅନେକ ସ୍ଥାନରେ ଚିପ୍ସ ଗୋଡି ଉଠି ଯାଉଛି କ୍ଷ ରାସ୍ତାରୁ ସମ୍ପୂର୍ଣ୍ଣ ଚିପ୍ସ ଉଠି ଏକାଠି ଠୁଳ ହୋଇଯାଉଛି । ଏପରି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ପୁସୁଗୁଡା ପଂଚାୟତ ଅନ୍ତର୍ଗତ ଏମ.ପି.ଭି.-୫୫ ଛକରୁ ମାଲାଭାରମ୍ ପଂଚାୟତ ଛକ ପର୍ଯ୍ୟନ୍ତ ପ୍ରାୟ ୧.୮ କି.ମି. ରାସ୍ତା କାମକୁ ନେଇ ଉଠିଛି ଗୁରୁତର ଅଭିଯୋଗ । ଏମ.ପି.ଭି-୫୫ ,ଏମ.ଭି-୧୨୮, ଏ ମ.ଭି-୮୮ ଏହି ସବୁ ଗ୍ରାମକୁ ସଂଯୋଗ କରୁଥିବା ଓ ମାଲାଭାରମ୍ କୁ ସଂଯୋଗ କରୁଥିବା ଏହି ରାସ୍ତାର କାମ କେବଳ ୨୦ ଦିନ ପୂର୍ବରୁ ସମାପ୍ତ ହୋଇଥିବା ସତ୍ତ୍ୱେ, ଏହାର ଗୁଣବତା ନେଇ ଏବେ ପ୍ରଶ୍ନ ଉଠିଛି । ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ଯେ, ନିମ୍ନମାନର ସାମଗ୍ରୀ ବ୍ୟବହାର ଓ ଠିକ୍ ନିୟମ ମାନି କାମ ନକରିବା ଫଳରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି । ପିଚୁ ମାତ୍ରା ଅତି କମ ଥିବାରୁ ରାସ୍ତା ତମାମ ଚିପ୍ସ ଖେଳେଇ ହୋଇଯାଇଛି, ଯାହାକି ଦୁଇ ଚକିଆ ଯାନ ପାଇଁ ଦୁର୍ଘଟଣାଗ୍ରସ୍ତ ହେବାର ସମ୍ଭାବନା ବଢ଼ାଉଛି । ବର୍ଷା ଆସିବା ପୂର୍ବରୁ ଏଭଳି ରାସ୍ତାର ଅବସ୍ଥା ଲୋକଙ୍କୁ କଷ୍ଟ ଦେଉଛି । ସ୍ଥାନୀୟ ଅଂଚଳର ଗ୍ରାମ ଲୋକଙ୍କ ଅଭିଯୋଗ ଅନୁସାରେ, ରାସ୍ତା କାମ ସମୟରେ ମଧ ନିମ୍ନମାନର କାମ ହେଉଥିବାକୁ ନେଇ ଏମ.ଭି. ୧୨୮ ଗ୍ରାମବାସୀ ଅନେକ ପ୍ରତିବାଦ କରିଥିଲେ ହେଲେ କେହି କର୍ଣ୍ଣପାତ କରିନଥିଲେ । ବିନା କୌଣସି କାର୍ଯ୍ୟ ଫଳକରେ କାର୍ଯ୍ୟ ତରବରିଆ ଭାବେ ସମାପ୍ତ କରାଯାଇଛି । ବର୍ତମାନ ରାସ୍ତାର ବିଭିନ୍ନ ସ୍ଥାନରେ ଖରାପ ନିର୍ମାଣର ପ୍ରମାଣ ଦେଖିବାକୁ ମିଳୁଛି, ଯାହା ଯାତାୟାତକୁ ବିପଦଜନକ କରିଛି । ଲୋକମାନେ ଦାବି କରିଛନ୍ତି ଯେ, ଏହି କାମର ଗୁଣବତା ଯାଂଚ୍ କରାଯାଇ ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉ । ସ୍ଥାନୀୟ ପ୍ରଶାସନଙ୍କ ଧ୍ୟାନ ଆକର୍ଷଣ ପାଇଁ ଲୋକମାନେ ଏହାକୁ ଏକ ଗୁରୁତର ସମସ୍ୟା ଭାବେ ଉଠାଇଛନ୍ତି । ଶୀଘ୍ର ରାସ୍ତାର ପୁନଃମରାମତି ଓ ଉଚ୍ଚ ମାନର କାମ କରାଯିବାକୁ ଅଂଚଳ ବାସୀ ଦାବି କରିଛନ୍ତି ।

ନିଖିଳ ଓଡିଶା ଆଶା କର୍ମୀ ସଂଘ ବଲାଙ୍ଗିର ଜିଲ୍ଲା କମିଟି ବୈଠକ ଅନୁଷ୍ଠିତ

ବଲାଙ୍ଗିର, ୧୩/୪(ନି/ପ୍ର): ସ୍ଥାନୀୟ ଏଆଇଟିୟୁସି ଜିଲ୍ଲା କାର୍ଯ୍ୟାଳୟ ଠାରେ ନିଖିଳ ଓଡିଶା ଆଶା କର୍ମୀ ସଂଘର ଜିଲ୍ଲା ସଭାପତି ତଥା ରାଜ୍ୟ ଉପ-ସଭାପତି ତିର୍ଥ ପଧାନଙ୍କ ସଭାପତିତ୍ୱ ରେ ଜିଲ୍ଲା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ତଥା ସଂଗଠନ ର ରାଜ୍ୟ ସଭାପତି ବିଜୟ ନେତା ମୁଖ୍ୟ ଅତିଥି, ସମ୍ମାନୀୟ ଅତିଥି ଭାବେ ସଂଗଠନର ରାଜ୍ୟ ସାଧାରଣ ସମ୍ପାଦିକା ନମିତା ସାହୁ, ଓମି ଗୁପ୍ତା ଓ ଉପଦେଷ୍ଟା ଦିଲିପ କୁମାର ଭୋଇ ମଂଚାସୀନ ଥିଲେ । ଉକ୍ତ ବୈଠକରେ ଯେବେଠାରୁ ଓଡିଶାରେ ବିଜେପି ଶାସିତ ଡବଲ ଇଞ୍ଜିନ ସରକାର କ୍ଷମତାସୀନ ହେଲାଣନିଖିଳ ଓଡିଶା ଆଶା କର୍ମୀ ସଂଘ ବଲାଙ୍ଗିର ଜିଲ୍ଲା କମିଟି ବୈଠକ ଅନୁଷ୍ଠିତି ଆଶା କର୍ମୀମାନଙ୍କ ନିୟମିତ ପ୍ରୋତ୍ସାହନ ରାଶି ପ୍ରତ୍ୟେକ ମାସର ୧୦ ତାରିଖ ମଧ୍ୟରେ ଦେବାର ସରକାରୀ ପ୍ରାବଧାନ ଥିଲେ ମଧ ମାସ ମାସ ଧରି ମିଳୁ ନାହିଁ । ଗତ ବର୍ଷରୁ ଆୟୁଷ୍ମାନ ଭାରତ ଯୋଜନାରେ କାର୍ଯ୍ୟ କରିଥିବାର ଆଶାମାନଙ୍କ ତାଙ୍କ ପ୍ରୋତ୍ସାହନ ରାଶି ମିଳି ନାହିଁ । କିଶୋରୀ ବାଳିକାମାନଙ୍କୁ ଟୀକା ଦେବାରେ ଆଶା କର୍ମୀମାନଙ୍କୁ ଅଧିକ ଚାପ ପ୍ରୟୋଗ କରାଯାଉଛି ହେଲେ ସେହି କାର୍ଯ୍ୟକ୍ରମର ମଧ କୌଣସି ପ୍ରୋତ୍ସାହନ ରାଶି ଦିଆଯାଉ ନାହିଁ । ଯେଉଁ ସବ ସେଟଂର ଗୁଡିକରେ ସିଏଚ୍‌ଓ ନିଯୁକ୍ତି ହୋଇଛନ୍ତି ସେହି ସବ ସେଟସର ଅଧୀନରେ ଥିବା ଆଶା କର୍ମୀମାନେ ମାସକୁ ୧୦୦୦ ଟଙ୍କା ପାଇବାର ପ୍ରାବଧାନ ଥିଲେ ମଧ ତାହା ମିଳୁ ନାହିଁ । ସମାଜକୁ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ବଳେ ଆଶା କର୍ମୀଙ୍କ ନିଜ ତଥା ପରିବାର ବର୍ଗଙ୍କ ନାମରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡ ନାହିଁ । ଏପରି କି ରାସନ କାର୍ଡ ମଧ ଦିଆଯାଇନାହିଁ ବୋଲି ବୈଠକରେ ପ୍ରକାଶ କରିଥିଲେ । ଏହି ସବୁ ସମସ୍ୟାକୁ ନେଇ ଆସନ୍ତା ମଇ ୧୧ ତାରିଖ ଦିନ ବଲାଙ୍ଗିର ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଦାବିପତ୍ର ପ୍ରଦାନ କରାଯିବ ।

ମା ତୋ ବିନା ଓ ଅଭୁଲା ସ୍ମୃତି କାର୍ଯ୍ୟକ୍ରମ ଆସନ୍ତା ୧୬ରେ

ରାଉରକେଲା,୧୩/୪(ନି/ପ୍ର): ସାଇ ସରଗମ ମ୍ୟୁଜିକାଲ ଏଣ୍ଡ ସୋସିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ସଂଗୀତ ଭିନ୍ନିକ କାର୍ଯ୍ୟକ୍ରମ ମା ତୋ ବିନା ଓ ଅଭୁଲା ସ୍ମୃତି ଆସନ୍ତା ୧୬ ତାରିଖ ଦିନ ସନ୍ଧ୍ୟା ୬ ଘଟିକା ସମୟରେ ସ୍ଥାନୀୟ ସିଭିକ ସେଟଂରଠାରେ ଅନୁଷ୍ଠିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏନେଇ ଅନୁଷ୍ଠାନର ମୁଖ୍ୟ ଝୁନୁ ନାୟକ ଓ ଅନ୍ୟମାନେ ସାମ୍ବାଦିକଙ୍କୁ ସୂଚନା ପ୍ରଦାନ କରି କହିଲେ ଯେ ଏହି ସଂଗୀତ ଭିନ୍ନିକ କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ବ୍ରଜବଲ୍ଲଭ ନାୟକ ଓ ଲୋଭା ବିଶ୍ୱାଳ, ବ୍ରହ୍ମପୁର ରୁ ସନ୍ତୋଷ ଡୋରା ଓ ବଲାଙ୍ଗୀର ରୁ ସହଦେବ ପୁଟେଲ ତଥା ରାଉରକେଲାରୁ ଝୁନୁ ନାୟକ, ସ୍ୱର୍ଣ୍ଣରେଖା ମହନ୍ତ,ପିଙ୍କି ପ୍ରିୟଦର୍ଶିନୀ, ଭାସ୍କର ପୁହାଣ ପ୍ରମୁଖ ସଂଗୀତ ପରିବେଷଣ କରିବେ। ଏହି କାର୍ଯ୍ୟକ୍ରମ ସ୍ୱର୍ଗତ ଅକ୍ଷୟ ମହାନ୍ତି ଓ ସ୍ୱର୍ଗତ ହ୍ୟୁମାନ ସାଗର ଙ୍କ ଉଦ୍ଦେଶ୍ୟରେ କରାଯିବ। ସେହିପରି ବାଦ୍ୟଯନ୍ତ୍ରରେ ବ୍ଲାକ ଡାଇମଣ୍ଡ ବ୍ୟାଣ୍ଡ ସହଯୋଗ କରିବେ । ଏହି କାର୍ଯ୍ୟକ୍ରମରେ ଉଦ୍ଘାଟକ ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ମୁଖ୍ୟଅତିଥି ଭାବେ ଶିଳ୍ପପତି ଇଂ ଦିପ୍ତୀରଞ୍ଜନ ପଟ୍ଟନାୟକ, ସ୍ୱତନ୍ତ୍ର ଅତିଥି ଭାବେ ପଶ୍ଚିମାଚଂଳ ଡିଆଇଜି ବ୍ରିଜେଶ ରାୟ, ସମ୍ମାନିତ ଅତିଥି ଭାବେ ହ୍ୟୁମାନ ସାଗରଙ୍କ ମା ସେଫାଲୀ ସୁନା ତଥା ବିଶିଷ୍ଟ ଅତିଥି ଭାବେ ଡ କଲ୍ୟାଣୀ ମିଶ୍ର,ଡା ଭାଗିରଥ ଯୋଶୀ,ଡା ଅରୁଣ କୁମାର ନାୟକ, ଏନ୍‌ଆଇଟି ର ପ୍ରଫେସର ଡ ସବିତା ପଟେଲ, ଜୟଶ୍ରୀ ପାଣିଗ୍ରାହୀ, ଜେଏମଡି ର ପ୍ରତିଷ୍ଠାତା ବାସୁଦେବ ସ୍ୱାଇଁ, ଇଂ ମହେନ୍ଦ୍ର କୁମାର ଦାସ,ଗୁରିନ୍ଦର ସିଂ କାମ୍ବୋଜ ପ୍ରମୁଖ ଯୋଗଦେବେ। ସେହିପରି ଏହି କାର୍ଯ୍ୟକ୍ରମରେ ପରିଚାଳନା ପାଇଁ ଶୁଭଶ୍ରୀ ଦାସ ଓ ଯଶୋବନ୍ତ ମହାନ୍ତି ଦାୟିତ୍ୱ ତୁଲାଇବେ ବୋଲି ଜଣାପଡ଼ିଛି । ଉପଦେଷ୍ଟା ଭାବେ ଦିଲ୍ଲିପ କୁମାର ମହାନ୍ତି, ମୁକ୍ତିକାନ୍ତ ବେହେରା, ଦିଲ୍ଲିପ ଜେନା ପ୍ରମୁଖ ଥିବା ବେଳେ ଏହି ସାମ୍ବାଦିକ ସମ୍ମିଳନୀରେ ବନ୍ଦିତା ବାଗ୍, ଅଞ୍ଜଳି ବିଶ୍ୱାଳ,ପ୍ରାଞ୍ଜଳୀ ନାଗ,ବାପିନା ନାୟକ, ବିଜୟ ବାଗ୍, ଜୟଶ୍ରୀ ପାଣିଗ୍ରାହୀ,ରୀତା ସାମଲ, ସଂଗ୍ରାମ ପତି, ଲୀନା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ଆଦର୍ଶ ପାଠାଗାରର ମହାବିଷୁବ ମିଳନ ଆଜି

ରାଉରକେଲା,୧୩/୪(ନି/ପ୍ର): ସହରର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ଆଦର୍ଶ ପାଠାଗାର ତରଫରୁ ମହା ବିଷୁବ ସଂକ୍ରାନ୍ତି ପାଳନ ଆସନ୍ତା ୧୪ ତାରିଖ ଦିନ ସନ୍ଧ୍ୟା ସାଢ଼େ ଛଅ ଘଟିକା ସମୟରେ ସେକ୍ଟର ୭ ସ୍ଥିତ ପ୍ରଗତି ଉତ୍କଳ ସଂଘ ପରିସରରେ ଥିବା ମଧୁମଣ୍ଡପ ଠାରେ ପାଳନ କରାଯିବ। ଏନେଇ କୋଏଲ ନଗର ସ୍ଥିତ ଅବସରପ୍ରାପ୍ତ ଆରଏସପି କର୍ମଚାରୀ ସଂଘ କାର୍ଯ୍ୟାଳୟ ଠାରେ ଏକ ପ୍ରସ୍ତୁତି ବୈଠକରେ ପାଠାଗାରର ସଭାପତି ରାଧାକାନ୍ତ ମିଶ୍ର ଓ ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ସୂଚନା ଦେଇ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ସବିତା ପ୍ରଧାନ ଯୋଗଦେଇ ଓଡ଼ିଆ ନବବର୍ଷ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବେ। ଏହି ଅବସରରେ ଚଳିତ ବର୍ଷ ପ୍ରଫେସର ପ୍ରଧାନଙ୍କୁ ବିଷୁବ ସମ୍ମାନ ୨୦୨୬ ରେ ସମ୍ମାନିତ କରାଯିବ। ସେହିପରି ଏକ ମନୋଜ୍ଞ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଯୋଗଦେବା ପାଇଁ ଅନୁଷ୍ଠାନ ତରଫରୁ ଅନୁରୋଧ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଇଂ ଅଭୟ କୁମାର ଦାସ, ଚନ୍ଦ୍ରଶେଖର ଶତପଥୀ, ପର୍ଶୁରାମ ପଟ୍ଟନାୟକ, ପ୍ରଦୀପ୍ତ ପଟ୍ଟନାୟକ,ଟୁକୁଲା ପାଢ଼ୀ,ଡ ଜୟନ୍ତୀ ପାଢ଼ୀ,ଅଟମ ରଥ, ଅମରେନ୍ଦ୍ର କୁମାର ପାଢ଼ୀ, କୁଞ୍ଜବିହାରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ନାରୀ ଶକ୍ତି ବନ୍ଦନ ଅଧିନିୟମ : ଏକ ନୂତନ ଯୁଗର ଆରମ୍ଭ

ରାଉରକେଲା,୧୩/୪(ନି/ପ୍ର): ଭାରତର ଗଣତାନ୍ତ୍ରିକ ଇତିହାସରେ ନାରୀ ଶକ୍ତି ବନ୍ଦନ ଅଧିନିୟମ, ୨୦୨୩ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବରେ ଉଭା ହୋଇଛି। ଏହି ବିଷୟକୁ ନେଇ ଆଜି ରାଉରକେଲା ଜିଲ୍ଲା ବିଜେପି ପକ୍ଷରୁ ସେକ୍ଟର-୩ କାର୍ଯ୍ୟାଳୟରେ ନାରୀ ଶକ୍ତି ବନ୍ଦନ ପରିପ୍ରେକ୍ଷୀରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ରାଜ୍ୟ ମହିଳା ଶିଶୁ କଲ୍ୟାଣ ଆୟୋଗ ସଦସ୍ୟା କଳ୍ପନା ଲେଙ୍କା, ବରିଷ୍ଠ ନାରୀ ନେତ୍ରୀ ପ୍ରମିଳା ଦାସ, ବିଜେପି ଜିଲ୍ଲା ମୁଖପାତ୍ର ଗଂଗାଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଲୋକସଭା ସମେତ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ଏକ-ତୃତୀୟାଂଶ ସଂରକ୍ଷଣର ବ୍ୟବସ୍ଥା କେବଳ ପ୍ରତିନିଧିତ୍ୱ ବୃଦ୍ଧି ମଧ୍ୟରେ ସୀମିତ ନୁହେଁ, ବରଂ ନୀତି ନିର୍ମାଣକୁ ଅଧିକ ସମାବେଶୀ, ସମ୍ବେଦନଶୀଳ ଏବଂ ପ୍ରଭାବଶାଳୀ କରିବା ଦିଗରେ ଏକ ଦୃଢ଼ ପ୍ରୟାସ।ଏହାର ଶୀଘ୍ର ଏବଂ ପ୍ରଭାବଶାଳୀ କାର୍ଯ୍ୟକାରିତା ମହିଳାମାନଙ୍କୁ ନୀତିର ହିତାଧିକାରୀରୁ 'ନୀତିର ନିର୍ମାତା" ହେବାର ପଥ ପ୍ରଶସ୍ତ କରିବ ଏବଂ ଏହା ହିଁ ବିକଶିତ ଭାରତ ଗଠନର ଆଧାରଶିଳା ପାଲଟିବ।ଏହି ଅଧିନିୟମ ଲାଗୁ ହେବାର ସବୁଠାରୁ ବଡ଼ ଲାଭ ହେବ ଯେ ଶାସନର ପ୍ରାଥମିକତାଗୁଡ଼ିକରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିବ। ଯେତେବେଳେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ପାଏ, ସେତେବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ସୁରକ୍ଷା, ଜଳ ଏବଂ ସ୍ୱଚ୍ଛତା ଭଳି ପ୍ରସଙ୍ଗଗୁଡ଼ିକ ଅଧିକ ପ୍ରାଥମିକତା ଲାଭ କରିବ ଓ ସ୍ଥାନୀୟ ସଂସ୍ଥାଗୁଡ଼ିକରେ ମହିଳାଙ୍କ ସଂରକ୍ଷଣର ଅନୁଭବ ପୂର୍ବରୁ ହିଁ ଦର୍ଶାଇସାରିଛି ଯେ ମହିଳା ପ୍ରତିନିଧିତ୍ୱ ଦ୍ୱାରା ନୀତିଗୁଡ଼ିକ ଅଧିକ ଜନ-କୈନ୍ଦ୍ରିକ ଏବଂ ପ୍ରଭାବଶାଳୀ ହୋଇଥାଏ । ବର୍ତ୍ତମାନ ଏହି ପ୍ରଭାବ ସଂସଦ ଏବଂ ବିଧାନସଭା ସ୍ତରରେ ଦେଖାଯିବ, ଯାହା ଫଳରେ ବିକାଶର ଦିଗ ଅଧିକ ସନ୍ତୁଳିତ ଏବଂ ସମାବେଶୀ ହୋଇପାରିବ ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି। ଗତ ଏକ ଦଶନ୍ଧି ମଧ୍ୟରେ ପରିବର୍ତ୍ତନର ଏହି ପୃଷ୍ଠଭୂମି ପ୍ରସ୍ତୁତ କରାଯାଇଛି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ମହିଳା ସଶକ୍ତୀକରଣକୁ ଏକ ବ୍ୟାପକ ଏବଂ ଜୀବନ-ଚକ୍ର ଆଧାରିତ ଦୃଷ୍ଟିକୋଣରୁ ବିଚାର କରାଯାଇଛି ଓ ବେଟି ବଚାଓ, ବେଟି ପଢ଼ାଓ ଅଭିଯାନ ସାମାଜିକ ଚିନ୍ତାଧାରାରେ ସକାରାତ୍ମକ ପରିବର୍ତ୍ତନ ଆଣିଛି ଏବଂ ମାଧ୍ୟମିକ ସ୍ତରରେ ଝିଅମାନଙ୍କ ନାମଲେଖା ହାର ୮୦.୨ ପ୍ରତିଶତରେ ପହଚିଂଛି। ସୁକନ୍ୟା ସମୃଦ୍ଧି ଯୋଜନା ଅଧୀନରେ ୪.୬ କୋଟିରୁ ଅଧିକ ଆକାଉଟଂ ଖୋଲାଯାଇଛି, ଯାହା କନ୍ୟାମାନଙ୍କ ଭବିଷ୍ୟତକୁ ଆର୍ଥିକ ସୁରକ୍ଷା ପ୍ରଦାନ କରୁଛି ଓ ଉଚ୍ଚଶିକ୍ଷା ଏବଂ ବୈଷୟିକ କ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣରେ କ୍ରମାଗତ ବୃଦ୍ଧି ଏହି ପରିବର୍ତ୍ତନର ସ୍ପଷ୍ଟ ଚିତ୍ର ଉପସ୍ଥାପନ କରୁଛି। ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ସାଧନ କ୍ଷେତ୍ରରେ ମଧ ଉଲ୍ଲେଖନୀୟ ପ୍ରଗତି ହୋଇଛି। ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ମାଧ୍ୟମରେ ୪.୨୭ କୋଟିରୁ ଅଧିକ ମହିଳାଙ୍କୁ ପୁଷ୍ଟିକର ସହାୟତା ମିଳିଛି ଓ ପୋଷଣ ୨.୦ ଅନ୍ତର୍ଗତ ୧୪ ଲକ୍ଷରୁ ଅଧିକ ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ୮.୯୭ କୋଟି ହିତାଧିକାରୀଙ୍କ ନିକଟରେ ସେବା ପହଚୁଂଛି। ଏହି ପ୍ରୟାସଗୁଡ଼ିକର ଫଳସ୍ୱରୂପ ମାତୃ ମୃତ୍ୟୁ ଅନୁପାତରେ ଉଲ୍ଲେଖନୀୟ ହ୍ରାସ ଘଟିଛି, ଯାହା ମହିଳା ସ୍ୱାସ୍ଥ୍ୟ କ୍ଷେତ୍ରରେ ସକାରତ୍ମକ ପରିବର୍ତ୍ତନକୁ ଦର୍ଶାଉଛି ବୋଲି ମହିଳା ବିଜେପି ପକ୍ଷରୁ କୁହାଯାଇଛି। ଆର୍ଥିକ ସଶକ୍ତୀକରଣରେ ଏହି ପରିବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ପାଲଟିଛି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧୀନରେ ୩୨.୨୯ କୋଟି ମହିଳା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସହିତ ଯୋଡ଼ିହୋଇଛନ୍ତି। ଯାହାଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଏକ ନୂଆ ଗତି ମିଳିଛି। ମୁଦ୍ରା ଯୋଜନାର ୬୮ ପ୍ରତିଶତ ଋଣ ମହିଳାମାନେ ପାଇଛନ୍ତି, ଯେତେବେଳେ କି ୧୦ କୋଟିରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସଂଗଠିତ ହୋଇ ଆତ୍ମନିର୍ଭରଶୀଳତା ଦିଗରେ ଆଗେଇ ଆସୁଛନ୍ତି। ଲକ୍ଷପତି ଦିଦି ଏବଂ ନମୋ ଡ୍ରୋନ୍ ଦିଦି ଭଳି ପଦକ୍ଷେପ ମହିଳାମାନଙ୍କୁ ପାରମ୍ପରିକ ଭୂମିକାରୁ ବାହାର କରି ବୈଷୟିକ ଏବଂ ଉଦ୍ୟୋଗ କ୍ଷେତ୍ରରେ ସଶକ୍ତ କରିଛି। ମହିଳାମାନଙ୍କ ଜୀବନରେ ମର୍ଯ୍ୟାଦା ଏବଂ ସୁବିଧା ସୁନିଶ୍ଚିତ କରିବା ପାଇଁ ମଧ ବ୍ୟାପକ ପଦକ୍ଷେପ ନିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ମହିଳାମାନଙ୍କୁ ଘରର ମାଲିକାନା ମିଳିଛି, ଉଜ୍ଜ୍ୱଳା ଯୋଜନା ସ୍ୱଚ୍ଛ ଇନ୍ଧନ ଯୋଗାଇ ଦେଇଛି, ସ୍ୱଚ୍ଛ ଭାରତ ମିଶନ ଏବଂ ଜଳ ଜୀବନ ମିଶନ ଦୈନନ୍ଦିନ ଜୀବନର ଅସୁବିଧାକୁ କମ କରିଛି ଓ ଏହି ପଦକ୍ଷେପଗୁଡ଼ିକ ମହିଳାମାନଙ୍କୁ ସମୟ, ସ୍ୱାସ୍ଥ୍ୟ ଏବଂ ସମ୍ମାନ ଏହି ତିନୋଟି ସ୍ତରରେ ସଶକ୍ତ କରିଛି। ଏହି ସମସ୍ତ ପ୍ରୟାସ ମିଳିତ ହୋଇ ଏପରି ଏକ ମଜବୁତ ଆଧାର ପ୍ରସ୍ତୁତ କରାଯାଇଛି ଯେ, ଯାହା ଉପରେ ନାରୀ ଶକ୍ତି ବନ୍ଦନ ଅଧିନିୟମର ପ୍ରଭାବଶାଳୀ କାର୍ଯ୍ୟକାରିତା ଅଧିକ ଫଳପ୍ରଦ ପ୍ରମାଣିତ ହେବ।

ଓଡ଼ିଆ ପକ୍ଷ ପାଳନ ଅବସରରେ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ

ସୁନ୍ଦରଗଡ଼,୧୩/୪(ନି/ପ୍ର): ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ସ୍ଥାନୀୟ ସଦଭାବନା ଭବନ ଠାରେ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଏହି ଅବସରରେ ଜିଲ୍ଲା ତଥା ଓଡ଼ିଶା ର ବରପୁତ୍ର ମାନଙ୍କ ଉପରେ ଆଲୋଚନା ଚକ୍ର ଏବଂ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ରେ ଆଲୋଚକ ଅଧ୍ୟାପିକା ଶ୍ରୀମତୀ ପ୍ରଣତୀ ବେହେରା, ବରିଷ୍ଠ ସାହିତ୍ୟିକ ଶ୍ରୀ ଗୋପ କୃଷ୍ଣ ନାୟକ, ଅଧ୍ୟାପିକା ଶ୍ରୀମତୀ ସୁସ୍ମିତା ଭୋଇ, ଗାଳ୍ପିକ ଶ୍ରୀ ଶିବାଶିଷ ପାଢ଼ୀ, ଶିକ୍ଷକ ଶ୍ରୀ ଗଣେଶ ତ୍ରିପାଠୀ ଯୋଗ ଦେଇ ବରପୁତ୍ର ମାନଙ୍କ ଜୀବନ, ଦର୍ଶନ, ଅବଦାନ ଏବଂ ଉପଲବ୍ଧି ଉପରେ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଧ୍ୟାପିକା ଶ୍ରୀମତୀ ବେହେରା ଜିଲ୍ଲା ର ବିଶିଷ୍ଟ କବି ବିନୋଦ ଚନ୍ଦ୍ର ନାଏକଙ୍କ ଜୀବନୀ ଏବଂ ତାଙ୍କ ଲେଖନୀ ଉପରେ ବିସ୍ତୃତ ଭାବେ ଆଲୋଚନା କରିବା ସହିତ ସମସ୍ତେ ସେହି ବରପୁତ୍ରଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜର ବିକାଶ ଦିଗରେ ଆଗଭର ହେବାକୁ ଉତ୍ସାହିତ କରିଥିଲେ। ସେହିଭଳି ଶିକ୍ଷାବିତ୍ ତଥା ସାହିତ୍ୟିକ ଶ୍ରୀ ଗଣେଶ ତ୍ରିପାଠୀ ସୁନ୍ଦରଗଡ଼ କବି କ୍ଷେତ୍ରବର ନାଏକ ଙ୍କ ଉପରେ ଆଲୋଚନା କରି ତାଙ୍କ ଲେଖନୀ ଉପରେ ଆଲୋକପାତ କରିଥିଲେ। ସେହିଭଳି ଶିକ୍ଷାବିତ ତଥା ଗାଳ୍ପିକ ଶ୍ରୀ ଶିବାଶିଷ ପାଢ଼ୀ ଗବେଷକ ଶିଶିର କୁମାର ନାଏକ ଙ୍କ ଉପରେ ଆଲୋଚନା କରିଥିଲେ । ସେହିଭଳି ଲେଖିକା ତଥା ଅଧ୍ୟାପିକା ଶ୍ରୀମତୀ ଭୋଇ ଐତିହାସିକ ମୁକ୍ତେଶ୍ୱର ପଟେଲଙ୍କ ଉପରେ ଏବଂ ସାହିତ୍ୟିକ ଶ୍ରୀ ଗୋପକୃଷ୍ଣ ନାୟକ ନାଟ୍ୟକାର ଚୁଡ଼ାମଣି ନାଏକଙ୍କ ଉପରେ ଆଲୋଚନା କରିଥିଲେ। 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ ମାଧମରେ ଆଲୋଚକମାନେ ସମସ୍ତ ବରପୁତ୍ର ମାନଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ଏବଂ ବରପୁତ୍ର ମାନଙ୍କର ନିଜ ମା,ମାଟି ପ୍ରତି ଥିବା ବଳିଷ୍ଠ ଅବଦାନ ଉପରେ ଆଲୋକପାତ କରିଥିଲେ। ସେହି ବରପୁତ୍ର ମାନଙ୍କ ପ୍ରତି ଆମେ ସର୍ବଦା ଗର୍ବିତ ଏବଂ ଆଜିର ଯୁବପିଢ଼ି ମଧ ସେହି ବରପୁତ୍ର ମାନଙ୍କ ପ୍ରେରଣାଦାୟକ ପଥ ଅନୁସରଣ କରି ନିଜ ମାଟିକୁ ସଦା ଗର୍ବିତ କରିବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ କବି ଅଶୋକ ରାଉତଙ୍କ ସଂଯୋଜନାରେ ଜିଲ୍ଲାର ଲେଖକ, ଲେଖିକା, କବି , କବୟତ୍ରି ମାନଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା। ଏହି କବିତା ପାଠୋତ୍ସବରେ ଜିଲ୍ଲାର ବହୁ ସଂଖ୍ୟାରେ କବିମାନେ ଅଂଶ ଗ୍ରହଣ କରି ସ୍ୱରଚିତ ତଥା ବିଶିଷ୍ଟ କବିମାନଙ୍କ କବିତା ପାଠ କରିଥିଲେ।

ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଜିଲ୍ଲା କମିଟି ବୈଠକ

ଭଦ୍ରକ,୧୩/୪(ନି/ପ୍ର): ନେତାଜିନଗର ସ୍ଥିତ ଜାନକୀ ନିଲୟ ଭବନ ଠାରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ର ଜିଲ୍ଲା କମିଟି ବୈଠକ ସୁମତି ନାୟକ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ରାଜ୍ୟ ସମ୍ପାଦିକା ସୁରଜିତା ନାୟକ ଉପସ୍ଥିତ ରହି , ଅନ୍ତର୍ଜାତୀୟ,ଜାତୀୟ ର ରାଜନୈତିକ, ଆର୍ଥିକ ପରିସ୍ଥିତି ବିଷୟରେ ବକ୍ତବ୍ୟ ରଖିଥିଲେ। ଆମେରିକାର ଯୁଦ୍ଧ ଖୋର୍ ମନୋଭାବ ଏବଂ ଏକଛତ୍ର ବାଦୀ ନୀତିକୁ ନିନ୍ଦା କରିଥିଲେ। ଆଜି ସାରା ଦେଶରେ ଆତଙ୍କ ଖେଳି ଗଲାଣି ।ଜାଳେଣି ଗ୍ୟାସ ର ଅଭାବରେ ହୋଟେଲ ବନ୍ଦ ହେବାକୁ ବସିଲାଣି ,ଗ୍ୟାସ ବଦଳରେ ଲୋକେ କାଠ ଓ କୋଇଲା ଚୁଲା କୁ ବ୍ୟବହାର କଲେଣି ।ଏଭଳି ପରିସ୍ଥିତି ଦେଶ ରେ ଦେଖା ଦେଇଥିଲା ବେଳେ ଓଡ଼ିଶାରେ ମହିଳା,ଆଦିବାସୀ,ଦଳିତ ଓ ସଂଖ୍ୟା ଲଘୁ ଙ୍କ ଉପରେ ନିର୍ଯାତନା ବଢ଼ି ଚାଲିଛି। ଜଳ,ଜମି,ଜଙ୍ଗଲ କୁ ଟେକି ଦିଆ ଯାଉଛି କର୍ପୋରେଟ ହାତରେ।

କାଳିମେଘା ନିକଟରେ ହତ୍ୟାକାଣ୍ଡ ଘଟଣା : ପତ୍ନୀ ଓ ୨ ସୁପାରି କିଲରଙ୍କ ସମେତ ୫ ଗିରଫ

ଯାଜପୁର,୧୩/୪(ନି/ପ୍ର): ଯାଜପୁର ଥାନା ଅନ୍ତର୍ଗତ କାଳିମେଘା ନିକଟରେ କୁଆଁସରପୁର ଅଂଚଳର ସୋମ୍ୟ ସାଗର ସାମଲଙ୍କୁ ଗୁଳି କରି ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଏହି ମାମଲାରେ ପୁଲିସ ମୃତ ସୋମ୍ୟ ସାଗର ସାମଲଙ୍କ ପତ୍ନୀଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ରାଉରକେଲାର ୨ଜଣ ସୁପାରି କିଲର ସୋମ୍ୟ ସାଗର ସାମଲଙ୍କ ପତ୍ନୀଙ୍କ ବୟଫ୍ରେଣ୍ଡ ଓ ଭଉଣୀ ଥିବାର ସୂଚନା ରହିଛି। ଯାଜପୁର ସହରରେ ଫୁଟିଲା ଗୁଳି। ଗୁଳିକାଣ୍ଡରେ ଗୁରୁତର ଆହତ ଯୁବକଙ୍କ ମୃତ୍ୟୁ। ଘଟଣା ସ୍ଥଳରେ ସାଇ[ଂ]ଫିକ ଟିମ ତଦନ୍ତ ଆରମ୍ଭ କରି ଫେରିଥିଲା। ଯାଜପୁର ଥାନା ଅନ୍ତର୍ଗତ କାଳିମେଘା ନିକଟରେ ଯୁବକଙ୍କ ଉପରକୁ ଗତ ୬ ତାରିଖ ରାତିରେ ଗୁଳିମାଡ଼ ହୋଇଥିଲା। ଏହି ଗୁଳିମାଡ଼ରେ କୁଆଁସରପୁର ଅଂଚଳର ସୋମ୍ୟ ସାଗର ସାମଲଙ୍କ ମୃତ୍ୟୁ ହୋଇଥିଲା। ଅଭିଯୁକ୍ତ ଗୁଳି ମାଡ଼ କରି ଫେରାର ହୋଇଯାଇଥିବା ବେଳେ ଗୁରୁତରର ସୋମ୍ୟ ସାଗର ସାମଲଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସାପରେ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁଳିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ଏବଂ କିଏ ଏହି ଗୁଳିକାଣ୍ଡ କରିଛି ତାହା ମଧ୍ୟ ଜଣାପଡି ନଥିଲା । ଯାଜପୁର ପୁଲିସ ଏହି ଘଟଣାର ତଦନ୍ତ କରୁଥିଲା। ଅନ୍ୟପଟେ ଘଟଣା ସ୍ଥଳରେ ସକାଳୁ ସାଇଟିଂଫିକ ଟିମ ଦ୍ୱାରା ତଦନ୍ତ ଆରମ୍ଭ ହୋଇଥିଲାକ୍ଷ ଟିକନିଖ ଯାଚଂ କରିଥିଲା ସାଇଟିଂଫିକ ଟିମ୍। ଗତ ୬ ତାରିଖ ରାତିରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ କାଳୀମେଘା ବାସଭବନ ସମ୍ମୁଖରେ ଗୁଳିକାଣ୍ଡରେ ଜଣେ ମୃତ ଘଟଣାର ପର୍ଦ୍ଦାଫାସ କଲା ଯାଜପୁର ପୁଲିସ। ମୃତ ସୋମ୍ୟ ସାଗର ସାମଲଙ୍କ ପତ୍ନୀ ଶୁଭଶ୍ରୀଙ୍କ ସମେତ ମୋଟ ୫ଜଣଙ୍କୁ ଗିରଫ କରିଛି ଯାଜପୁର ପୁଲିସ। ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ହେଲେ ତାପସ କୁମାର ଖିଲାର। ପରକ୍ରିୟା ପ୍ରୀତି ଓ ସମଲିଙ୍ଗୀ ସମ୍ପର୍କ ପାଇଁ ହୋଇଥିଲା ହତ୍ୟାକାଣ୍ଡ। ମୁଖ୍ୟ ଅଭିଯୁକ୍ତ ତାପସଙ୍କ ସମେତ ମୃତକ ସୌମ୍ୟଙ୍କ ପତ୍ନୀ, ତାପସଙ୍କ ଭଉଣୀ ପ୍ରୀତିପ୍ରଭା ପ୍ରିୟଦର୍ଶିନୀ ଓରଫ ଟିନୁ ଓ ବନ୍ଧୁକ ସପ୍ଲାୟର ଦୁଇ ଜଣଙ୍କୁ ଗିରଫ କରିଛି ପୁଲିସ। ଯାଜପୁର ଥାନା ପରିସରରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯାଜପୁର ଏସପି ଯଶ ପ୍ରତାପ ଶ୍ରୀମାଲ। ହତ୍ୟାକାଣ୍ଡରେ ବ୍ୟବହୃତ ଦେଶୀ ବନ୍ଧୁକ, ମଟର ସାଇକେଲ ଓ ୭ ଗୋଟି ମୋବାଇଲ ଜବତ। ଆଜି ଏହି ଗୁଳିକାଣ୍ଡ ଘଟଣାରେ ବ୍ୟବହୃତ ବନ୍ଧୁକ ଜବତ କରିଛି ଯାଜପୁର ପୁଲିସ। ଯାଜପୁର ଯଯାତି କେଶରୀ ମେଡିକାଲ କଲେଜ ପଛପଟ ବୈତରଣୀ ନଦୀ ପଠାରୁ ବ୍ୟବହୃତ ଦେଶୀ ବନ୍ଧୁକ ଜବତ ହୋଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମାଝୀଙ୍କ ସମେତ ଯାଜପୁର ଥାନା ଅଧିକାରୀ ଶରତ କୁମାର ସାହୁ ଉପସ୍ଥିତ ଥିଲେ।

ସେଲ୍, ଆରଏସପିର ଆଇଜିଏଚ ଦ୍ୱାରା ଦଳଗତ ସ୍ୱାସ୍ଥ୍ୟସେବା ଏବଂ କ୍ଲିନିକାଲ୍ ଉତ୍କର୍ଷରେ ନୂତନ ସଫଳତା ହାସଲ

ରାଉରକେଲା,୧୩/୪(ନି/ପ୍ର):ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅନ୍ତର୍ଗତ ପ୍ଲେଟ୍ ମିଲ୍ ବିଭାଗର ଜଣେ ଯୁବ ଅଧିକାରୀ ଶ୍ରୀ ପି. ଏମ୍. ସି. ଦନା ଜାନୁଆରୀ ୮ ତାରିଖରେ କାର୍ଯ୍ୟକୁ ଯାଉଥିବା ସମୟରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳସ୍ୱରୂପ ତାଙ୍କ ମେରୁଦଣ୍ଡର ଡ଼ି୧୨ କଟିବନ୍ଧ ଭାଙ୍ଗି ଯାଇଥିଲା। ଏମଆରଆଇ ଏବଂ ପରବର୍ତ୍ତୀ ଏକ୍ସରେ ସହ ଚିକିତ୍ସା ଏବଂ ଡାକ୍ତରୀ ପରାମର୍ଶ ପରେ ତାଙ୍କୁ , ୬ ସପ୍ତାହ ପାଇଁ ବେଡ୍ ରେଷ୍ଟ ସହ ଅଣ-ଶଲ୍ୟ ଚିକିତ୍ସା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ୬ ସପ୍ତାହ ପରେ, ଆରୋଗ୍ୟ ଆଶାୟୀ ଜଣଙ୍କ ପିଠିରେ ଯନ୍ତ୍ରଣା ସହିତ ଦ୍ୱିପାକ୍ଷିକ ନିମ୍ନ ଅଙ୍ଗର ବିକିରଣ ଯନ୍ତ୍ରଣା ଏବଂ ଚାଲିବାରେ କଷ୍ଟ ଅନୁଭବ କରିଥିଲେ। ଅଧିକ ଡାକ୍ତରୀ ପରୀକ୍ଷା ପରେ ତାଙ୍କ ମେରୁଦଣ୍ଡରେ ଜଟିଳତା ଦେଖାଯାଇଥିଲା। ତଦନୁସାରେ, ସ୍ନାୟୁରୋଗ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ମନୋଜ କୁମାର ଦେଓଙ୍କ ଦ୍ୱାରା ଅସ୍ତ୍ରୋପଚାର କରାଯାଇଥିଲାବେଳେ ଅତିରିକ୍ତ ସିଏମଓ ଡାଃ ସଞ୍ଜୁକ୍ତା ପାଣିଗ୍ରାହୀଙ୍କ ଦ୍ୱାରା ଆନାସ୍ଥେସିଆ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅସ୍ତ୍ରୋପଚାରରେ ନର୍ସିଂ ଅଧିକାରୀ - କମଳାକର ଭାଇ ଏବଂ ଗୋଧୂଳି ଭଉଣୀଙ୍କ ଦ୍ୱାରା ସହାୟତା ଯୋଗାଇ ଦିଆଯାଇଥିଲା। ଅସ୍ତ୍ରୋପଚାର ପରେ, ମେରୁଦଣ୍ଡର ଅସ୍ୱାଭାବିକତା ଠିକ୍ ହେବା ସହ ତାଙ୍କ ଅବସ୍ଥାରେ ଯଥେଷ୍ଟ ଉନ୍ନତି ହୋଇଥିଲା। ସଫଳ ଅସ୍ତ୍ରୋପଚାର ଏବଂ ଏହାର ପରବର୍ତ୍ତୀ ଯତ୍ନର ଫଳସ୍ୱରୂପ ପରଦିନ ହିଁ ଆରୋଗ୍ୟ ଆଶାୟୀ ଜଣଙ୍କ ସିଡ଼ି ଚଢ଼ିପାରିଥିଲେ। ଉଲ୍ଲେଖନୀୟ ଯେ, ଅସ୍ତ୍ରୋପଚାର ପରେ ଶ୍ରୀ ପ୍ରେମାନନ୍ଦ ସ୍ୱାଇଁଙ୍କ ଦ୍ୱାରା ତାଙ୍କର ଫିଜିଓଥେରାପି କରାଯାଇଥିଲା। ପରେ ୱାର୍ଡରେ ସେବିକା- ସ୍ୱପ୍ନା ଭଉଣୀ, ସବିତା ଭଉଣୀ, ଏକତା ଭଉଣୀ, ପ୍ରଭାଞ୍ଜଳି ଭଉଣୀ ଏବଂ ଅନ୍ୟମାନେ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ।